# କମୁଛି ସାଧାରଣ ପ୍ରସବ ସଂଖ୍ୟା, ଚିନ୍ତା ଦେଖାଇଲା ଜିଲ୍ଲା ପ୍ରଶାସନ

ବାଲେଶ୍ୱର,୧୯।୪(ସମିସ)

ଏବେ ପ୍ରସବ କହିଲେ ଯେମିତି ସିଜେରିଆନ୍। ସଂଖ୍ୟା ଏତେ ଯେ, ପଛରେ ପଡିଲାଣି ସାଧାରଣ ଡେଲିଭରି। ରାଜ୍ୟରେ ସରକାରୀ ହସପିଟାଲ୍ ତୁଳନାରେ ଘରୋଇ ହସ୍ପିଟାଲ୍ ଗୁଡ଼ିକରେ ହେଉଛି ଅଧିକ ଅସ୍ତ୍ରୋପଚାର ଡେଲିଭରି। ଘରୋଇ ହସପିଟାଲରେ ଡେଲିଭରି କହିଲେ ଯେମିତି ଖାଲି ସିଜେରିଆନ୍। କାଁ ଭାଁ ନର୍ମାଲ ହେଉଛି। ବିଶେଷ କରି ଘରୋଇ ଡାକ୍ତରଖାନାଗୁଡ଼ିକରେ ସିଜେରିଆନ ଡେଲିଭରୀ ସଂଖ୍ୟା ଚିନ୍ତାଜନକ ଭାବେ ବୃଦ୍ଧି ପାଉଛି। ସେହିପରି ବାଲେଶ୍ୱର ଜିଲ୍ଲାରେ ମଧ୍ୟ ଘରୋଇ ଡାକ୍ତରଖାନାରେ ସାଧାରଣ ପ୍ରସବ ସଂଖ୍ୟା କମିବାରେ ଲାଗିଛି। କିଛି ହସ୍ପିଟାଲରେ ସବୁ ଡେଲିଭରୀ ସିଜେରିଆନ୍ ମାଧ୍ୟମରେ ହେଉଛି। ଯାହାକୁ ଜିଲ୍ଲା ପ୍ରଶାସନ ଚିନ୍ତା ପ୍ରକଟ କରିଛି। ଏଥିପାଇଁ ସିଜେରିଆନ ଡେଲିଭରି ନିୟନ୍ତ୍ରଣ ସମ୍ପର୍କରେ ଜିଲ୍ଲା ପ୍ରଶାସନ ବେସରକାରୀ ହସ୍ପିଟାଲ ସହ ଆଲୋଚନା ମଧ୍ୟ କରିଛି। ଏହାବ୍ୟତୀତ ଏହି ପ୍ରସଙ୍ଗ ପୂର୍ବରୁ ଗୃହରେ ଉଠିଥିଲା।

ସୂଚନାଯୋଗ୍ୟ, ବାଲେଶ୍ୱର ଜିଲ୍ଲାରେ ୧୦୦ ପ୍ରତିଶତ ସିଜେରିଆନ୍ ଡେଲିଭେରି କରୁଥିବା ହସ୍ପିଟାଲ ନଜରରେ ରହିଛି। କାରଣ ଜିଲ୍ଲାର କିଛି ବେସରକାରୀ ହସ୍ପିଟାଲରେ ଅସାମାନ୍ୟ ଭାବରେ ବଢୁଥିବା ସିଜେରିଆନ୍ (ସି-ସେକ୍ସନ) ଡେଲିଭେରି ହାରକୁ ନେଇ ଜିଲ୍ଲା ପ୍ରଶାସନ କଡ଼ା ମନୋଭାବ ଗ୍ରହଣ କରିଥିବା ଜଣାପଡିଛି। ଏହାକୁ ନେଇ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଜିଲ୍ଲାର ସମସ୍ତ ବେସରକାରୀ ହସ୍ପିଟାଲ ପ୍ରତିନିଧିଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଜିଲ୍ଲାପାଳ ସ୍ପଷ୍ଟ ଭାବେ ଅସନ୍ତୋଷ ପ୍ରକାଶ କରିଥିଲେ ଯେ, ଜିଲ୍ଲାର କେତେକ ବେସରକାରୀ ହସ୍ପିଟାଲରେ ଡେଲିଭେରିର ହାର ୧୦୦ ପ୍ରତିଶତ ପର୍ଯ୍ୟନ୍ତ ସିଜେରିଆନ୍ ମାଧ୍ୟମରେ କରାଯାଉଛି, ଯାହା ସାଧାରଣ ଚିକିତ୍ସା ପ୍ରଚଳନ ସହ ସମନ୍ୱୟଶୀଳ ନୁହେଁ। ଅନେକ ସମୟରେ ଏପରି ଡେଲିଭେରି ଚିକିତ୍ସାଜନିତ ଆବଶ୍ୟକତା ବିନା କରାଯାଉଥିବା ସନ୍ଦେହ ଥିବାରୁ ଏହା ମାତୃ ସ୍ୱାସ୍ଥ୍ୟ ପାଇଁ ବିପଦଜନକ ହେବା ସହ ରୋଗୀ ପରିବାରଙ୍କ ଉପରେ ଅନାବଶ୍ୟକ ଆର୍ଥିକ ଭାର ସୃଷ୍ଟି କରୁଥିବା କଥା ସେ ଉଲ୍ଲେଖ କରିଥିଲେ। ଜିଲ୍ଲାପାଳ ଆହୁରି କହିଥିଲେ ଯେ, ସିଜେରିଆନ୍ ଡେଲିଭେରି କେବଳ ଚିକିତ୍ସାଜନିତ ଆବଶ୍ୟକତା ଥିଲେ କରାଯିବା ଉଚିତ ଏବଂ ଏହାକୁ ରୁଟିନ୍ ପ୍ରକ୍ରିୟା ଭାବେ ଗ୍ରହଣ କରାଯିବ ନାହିଁ। ଯେହେତୁ ଏହା ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ସହ ସିଧାସଳଖ ସମ୍ପର୍କିତ, ତେଣୁ ଏଥିରେ କୌଣସି ପ୍ରକାର ଅନିୟମିତତା ବର୍ଦ୍ଧାସ୍ତ କରାଯିବ ନାହିଁ। ମାତୃ ସ୍ୱାସ୍ଥ୍ୟର ସୁରକ୍ଷା ଓ ଚିକିତ୍ସା ନିୟମର କଡ଼ା ପାଳନ ସୁନିଶ୍ଚିତ କରିବା ପାଇଁ ଜିଲ୍ଲା ସ୍ତରରେ ଏକ ବିଶେଷ ମନିଟରିଂ ଟିମ୍ ଗଠନ କରାଯିବ। ଏହି ଟିମ୍ ନିୟମିତ ଓ ଆକସ୍ମିକ ଭାବରେ ବେସରକାରୀ ହସ୍ପିଟାଲଗୁଡ଼ିକର ପରିଦର୍ଶନ କରି ସିଜେରିଆନ୍ ଡେଲିଭେରି ସମ୍ପର୍କିତ ତଥ୍ୟ ଓ ରେକର୍ଡ ଯାଞ୍ଚ କରିବେ। ଯେକୌଣସି ହସ୍ପିଟାଲ ଯଦି ଅନୁଚିତ ବା ଅନୈତିକ ଭାବରେ ସିଜେରିଆନ୍ ଡେଲିଭେରି କରୁଥିବା ଧରାପଡ଼େ, ସେମାନଙ୍କ ବିରୋଧରେ କଡ଼ା ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ସହ ଲାଇସେନ୍ସ ବାତିଲ ପର୍ଯ୍ୟନ୍ତ ପଦକ୍ଷେପ ନିଆଯିବ ବୋଲି ସତର୍କ କରାଯାଇଛି। ଏହାସହିତ ସମସ୍ତ ବେସରକାରୀ ହସ୍ପିଟାଲକୁ ଚିକିତ୍ସା ରେକର୍ଡରେ ପାରଦର୍ଶିତା ରଖିବା, ରୋଗୀଙ୍କୁ ଯଥାର୍ଥ ସୂଚନା ଦେବା ଓ ପ୍ରଚଳିତ ଚିକିତ୍ସା ନିୟମ ଓ ନୈତିକ ମାନଦଣ୍ଡକୁ କଡ଼ା ଭାବରେ ପାଳନ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରକାଶ ଥାଉକି, ସରକାରୀ ମେଡିକାଲ ତଥା ଘରୋଇ ଡାକ୍ତରଖାନାରେ ନର୍ମାଲ ଓ ସିଜେରିଆନ ସମାନ ଭାବେ ଚାଲିଥିବା ବେଳେ ଘରୋଇ ହସ୍ପିଟାଲରେ ନର୍ମାଲ ପ୍ରସବ ଆଦୌ ହେଉନଥିବା ଜଣାପଡ଼ିଛି। ଘରୋଇ ଡାକ୍ତରଖାନାରେ ସାଧାରଣ ପ୍ରସବ ସଂଖ୍ୟା କମିବାରେ ଲାଗିଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମାନଦଣ୍ଡ ଅନୁଯାୟୀ ସିଜରିଆନ ଆବଶ୍ୟକତା ୧୦-୧୫% ମଧ୍ୟରେ ରହିବା ଉଚିତ, କିନ୍ତୁ ଏହା ତାଠାରୁ ଅଧିକ ରହିବା ଚିନ୍ତାର ବିଷୟ। ଏହି ନିୟମକୁ ଘରୋଇ ସହ ସରକାରୀ ଚିକିତ୍ସାଳୟ ବି ଗୁରୁତ୍ୱ ଦେଉନାହାନ୍ତି। ଏହି ପ୍ରସଙ୍ଗକୁ ନେଇ ସ୍ୱାସ୍ଥ୍ୟ ମନ୍ତ୍ରୀ ଏକ ରିପୋର୍ଟ ପ୍ରଦାନ କରିଥିଲେ। ତାଙ୍କ ରିପୋର୍ଟ ଅନୁସାରେ ରାଜ୍ୟର ଘରୋଇ ହସ୍ପିଟାଲରେ ସିଜେରିଆନ ଡେଲିଭରି ୭୦.୭ ପ୍ରତିଶତ ରହିଛି। ବାଲେଶ୍ୱର ଜିଲ୍ଲାରେ ମଧ୍ୟ ଏହାର ବୃଦ୍ଧି ପାଇଛି। ଯାହାର ନିୟନ୍ତ୍ରଣ ପାଇଁ ଜିଲ୍ଲା ପ୍ରଶାସନ ଏବେ ଚିନ୍ତା ଦେଖାଇଥିବା ଜଣାପଡ଼ିଛି।

## ହଜିଯାଇଥିବା ପୁଅକୁ ଫେରାଇଦେଲା ହାତର ଟାଟୁ

ବାଲେଶ୍ୱର,୧୯।୪(ସମିସ): ହାତରେ ଖୋଦେଇ ହୋଇଥିବା ଏକ ମୋବାଇଲ୍ ନମ୍ବର ଆଜି ଜଣେ ଅସହାୟ ପିତାଙ୍କୁ ତାଙ୍କ ପୁଅ ସହ ମିଶାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ବାଲେଶ୍ୱର ଆରପିଏଫ ହମ୍‌ସଫର ଏକ୍ସପ୍ରେସରୁ ଜଣେ ମାନସିକ ଅନଗ୍ରସର ଦିବ୍ୟାଙ୍ଗ ଯୁବକଙ୍କୁ ଉଦ୍ଧାର କରି ତାଙ୍କ ପରିବାରକୁ ହସ୍ତାନ୍ତର କରିଛି। ଯୁବକ ଜଣକ ହେଲେ ଖୋର୍ଦ୍ଧାର ଶ୍ରୀକାନ୍ତ ଦଳାଇ। ସୂଚନା ଅନୁଯାୟୀ, ଗତ ୧୭ ତାରିଖ ଅପରାହ୍ନ ପ୍ରାୟ ୪ଟା ସମୟରେ ବାଲେଶ୍ୱର ଆରପିଏଫ ପୋଷ୍ଟର ଏସଆଇ ଶ୍ରୀକାନ୍ତ ପାତ୍ର ଏବଂ ତାଙ୍କ ଏସ୍କର୍ଟ ଦଳ ୨୨୮୮୮ ହମ୍‌ସଫର ଏକ୍ସପ୍ରେସରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ବି-୧୧ କୋଚ୍‌ରେ ଜଣେ ଯୁବକ ସନ୍ଦେହଜନକ ଭାବେ ବୁଲୁଥିବାର ସେମାନେ ଦେଖିବାକୁ ପାଇଥିଲେ। ଯୁବକ ଜଣକ କହିପାରୁନଥିବା ବେଳେ ସେ କିଛି ଶୁଣି ମଧ୍ୟ ପାରୁନଥିଲେ। ସେ ମାନସିକ ସ୍ତରରେ ଅସୁସ୍ଥ ଥିବା ଏବଂ ଭୁଲବଶତଃ ଟ୍ରେନରେ ଚଢ଼ିଯାଇଥିବା ଆରପିଏଫ ଅନୁମାନ କରିଥିଲା। ଯୁବକଙ୍କ ପରିଚୟ ଖୋଜୁଥିବା ସମୟରେ ଆରପିଏଫ କର୍ମଚାରୀଙ୍କ ନଜର ତାଙ୍କ ଡାହାଣ ହାତ ଉପରେ ପଡ଼ିଥିଲା। ସେଠାରେ ଏକ ମୋବାଇଲ୍ ନମ୍ବର ଟାଟୁ କରାଯାଇଥିଲା। ସେହି ନମ୍ବରରେ ଯୋଗାଯୋଗ କରିବା ପରେ ଯୁବକଙ୍କ ପିତା ବନମ୍ବର ଦଳାଇ ନିଜ ପୁଅ ମାନସିକ ଅସ୍ଥିର ବୋଲି ଜଣାଇବା ସହ ତାଙ୍କୁ ସୁରକ୍ଷିତ ରଖିବାକୁ ଆରପିଏଫକୁ କାକୁତିମିନତି ହୋଇଥିଲେ। ଏହାପରେ ଯୁବକଙ୍କୁ ଖଡ଼ଗପୁର ଆରପିଏଫ ପୋଷ୍ଟକୁ ଅଣାଯାଇ ଖାଦ୍ୟ ଓ ପାନୀୟର ବ୍ୟବସ୍ଥା କରାଯାଇଥିଲା। ୧୮ ତାରିଖ ରାତି ପ୍ରାୟ ୧ଟା ସମୟରେ ପିତା ବନମ୍ବର ଦଳାଇ ଏବଂ ଭାଇ ନିର୍ମଳ କିଷାନ ଦଳାଇ ଖଡ଼ଗପୁରରେ ପହଞ୍ଚିଥିଲେ। ସମସ୍ତ କାଗଜପତ୍ର ଯାଞ୍ଚ ଏବଂ ଫଟୋଗ୍ରାଫି ପରେ ଯୁବକଙ୍କୁ ତାଙ୍କ ପରିବାରକୁ ସଠିକ୍ ଭାବେ ହସ୍ତାନ୍ତର କରାଯାଇଛି।




ଟ୍ରେନରୁ ମାନସିକ ଅନଗ୍ରସର ଯୁବକଙ୍କୁ ଉଦ୍ଧାର କଲା ଆରପିଏଫ

## ରକ୍ତଦାନ ଶିବିର; ୯୦ ୟୁନିଟ୍ ସଂଗୃହୀତ

ଜଳେଶ୍ୱର,୧୯।୪ (ସମିସ): ଜଳେଶ୍ୱର ବ୍ଲକ ଅନ୍ତର୍ଗତ କୋଟସାହି ଗ୍ରାମ ପଞ୍ଚାୟତ ସ୍ଥିତ ଗୋବର୍ଦ୍ଧନପୁର ଗ୍ରାମରେ ଗଢ଼ି ଉଠିଥିବା ଉତ୍କଳ ଜନନୀ ସେବା ସଂଗଠନ ଓ ଅଖିଳେଶ୍ୱର ଯୁବକ ସଙ୍ଘ ମିଳିତ ଆନୁକୂଲ୍ୟରେ ସଙ୍ଗଠନର ସଭାପତି ହେମନ୍ତ କୁମାର ଜେନାଙ୍କ ଶୁଭ ଜନ୍ମ ଦିନ ଅବସରରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଗ୍ରାମ ବିଦ୍ୟାଳୟ ପରିସରରେ ରବିବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇ ଯାଇଛି। ଉକ୍ତ ଶିବିରକୁ ବରିଷ୍ଠ ସମାଜସେବୀ ବ୍ରଜ ମୋହନ ପ୍ରଧାନ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ବାଲେଶ୍ୱର ରକ୍ତଦାତା ସଂଘ ସଭାପତି କମଳ କୁମାର ଚକ୍ରବର୍ତ୍ତୀ, ସାଙ୍ଗଠନିକ ସଭାପତି ମନୋରଞ୍ଜନ ଦାସ, ହାତୀଗର୍ଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଡାକ୍ତର ଭୀଷ୍ମ ପରିଡ଼ା, ଗ୍ରାମ କମିଟିର ସମ୍ପାଦକ ପ୍ରଦୀପ କୁମାର ନାଥ, ସଙ୍ଗଠକ ହେମନ୍ତ ଜେନାଙ୍କ ପିତା ଗୁଣାକର ଜେନା ଓ ମାତା ସରସ୍ୱତୀ ଜେନା ଉପସ୍ଥିତ ହୋଇ ସଙ୍ଗଠନ ଓ କ୍ଲବ ଏଭଳି ଏକ ପ୍ରୟାସ କରିଥିବାରୁ ସେମାନଙ୍କୁ ପ୍ରଶଂଶା କରିଥିଲେ। ଟେକ୍ନିସିଆନ ଦେବାଶିଷ ଦତ୍ତ, ରାଜେଶ ମିଶ୍ର, ବିନୋଦ ଦାସ ଓ ବିଜୟ ପଟ୍ଟନାୟକ ପ୍ରମୁଖ ସ୍ୱାସ୍ଥ୍ୟ କର୍ମଚାରୀ ରକ୍ତଦାତାଙ୍କ ପରୀକ୍ଷା ନିରୀକ୍ଷା କରିବା ପରେ ରକ୍ତ ସଂଗ୍ରହ କରିଥିଲେ। ଉକ୍ତ ଶିବିରରୁ ମୋଟ ୯୦ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ହେମନ୍ତ କୁମାର ଜେନା, ପ୍ରଭାକର ନାଥ, ସାଗର ନାଥ, ଜିତାଂଶୁ ନାଥ, ତାପସ ନାଥ, ଦିଲ୍ଲୀପ ଜେନା, ଗଣେଶ ଚନ୍ଦ୍ର ଜେନା, ସତ୍ୟନାଥ ଦାସ, ଉମେଶ ଜେନା, ସତ୍ୟବ୍ରତ ପଣ୍ଡା, ସତ୍ୟ ସାଧନ ନାଥ, ଗୋପବନ୍ଧୁ ନାଥ ଜଗତ ଜ୍ୟୋତି ଜେନା, ଅମିତ ନାଥ, ପ୍ରଦୀପ ନାଥ, ଜିତୁ ଜେନା, ରାକେଶ ଜେନା,ଚନ୍ଦନ ନାଥ, ସୁବ୍ରତ ନାଥ, ଶ୍ରୀହରି ମହାନ୍ତି, ହିମାଂଶୁ ନାଥ, ଶ୍ରୀକାନ୍ତ ନାଥ, ରତନ ନାଥ, ଗୌରବ ବେହେରା, ଜୀବନ ଜ୍ୟୋତି ଜେନା, ରୋହିତ ଜେନା, ଗଗନ ବିହାରୀ ସାହୁ, ସୁମତି ସାହୁ, ଅଲକା ଜେନା, ନିହାରିକା ଜେନା, ଜୟଶ୍ରୀ ଜେନା, ଜ୍ୟୋତିର୍ମୟ ଜେନା, ସତ୍ୟମୟ ଜେନା, ରାଜେଶ ଜେନା, ରାଜୀବ ଜେନା, ଆଶୁତୋଷ ବାରିକ, ସୀତାରାମ ଦାସ, ମମତା ଜେନା ପ୍ରମୁଖ ସଙ୍ଗଠନର କର୍ମକର୍ତ୍ତା ଉପସ୍ଥିତ ରହି ରକ୍ତଦାନ କରିବା ସହ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



## ମିଳିତ ନିଶା ନିବାରଣ ଅଭିଯାନ ଦଶମ ବାର୍ଷିକ ସମ୍ମିଳନୀ

ବାଲେଶ୍ୱର,୧୯।୪(ସମିସ): ନିଶା ଚିରୋଧରେ ଜନ ସଚେତନତା ବୃଦ୍ଧିପାଇଲେ ଓ ଏଥିପାଇଁ ରାଜ୍ୟ ସରକାର ନିଶାମୁକ୍ତ ଓଡ଼ିଶା ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ଏକ ସୁସ୍ଥ ସମାଜ ଗଠନ ହୋଇପାରିବ ବୋଲି ଆଜି ମିଳିତ ନିଶା ନିଚାରଣ ଅଭିଯାନର ଦଶମ ବାର୍ଷିକ ସମ୍ମିଳନୀରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଭାସ୍କରଗଞ୍ଜସ୍ଥିତ ଗୁଲମୋହର ସଭାଗୃହରେ ଅନୁଷ୍ଠିତ ସାଧାରଣ ସଭାରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସରକାରଙ୍କର ଉପମୁଖ୍ୟ ସଚେତକ ଗୋବିନ୍ଦ ଦାସ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ବାଲେଶ୍ୱର ଜିଲ୍ଲା ପରିଷଦର ସଭାପତି ନାରାୟଣ ପ୍ରଧାନ, ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ସୁବ୍ରତ କର ଓ ଡ. କେଶବ ଚରଣ ପଣ୍ଡା ଯୋଗଦେଇ ମତ ରଖିଥିଲେ। ରାଜ୍ୟ ନିଶାଯୁକ୍ତ ହେଲେ ବହୁ ଅପରାଧ ଓ ଅକାଳ ମୃତ୍ୟୁକୁ ରୋକାଯାଇପାରିବ ଓ ପାରିବାରିକ ହିଂସାର ସମାଧାନ ହୋଇପାରିବ ବୋଲି ଅତିଥି ଓ ବକ୍ତାମାନେ ମତପ୍ରକାଶ କରିଥିଲେ। ଡ. କ୍ଷିତୀଶ୍ୱର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଧାରଣ ସଭାରେ ସାଧାରଣ ସମ୍ପାଦିକା ସମତା ମହାପାତ୍ର ବାର୍ଷିକ ବିବରଣୀ ଓ କୋଷାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଦାସ ଆୟ ବ୍ୟୟର ବିବରଣୀ ପାଠ କରିଥିଲେ। ଏହି ଅବସରରେ ଅନୁଷ୍ଠାନର ମୁଖପତ୍ର-୨୬ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଡ. ଦୟାନିଧି ମହାପାତ୍ର ଆଗାମୀ ବର୍ଷ ପାଇଁ କାର୍ଯ୍ୟଖସଡ଼ା ଉପସ୍ଥାପନା କରିଥିଲେ। ମୁଖପତ୍ରର ସମ୍ପାଦକୀୟ ଗୀତାଞ୍ଜଳି ସିଂହ ପାଠ କରିଥିଲେ। ଗୌରାଙ୍ଗ ପାଣିଗ୍ରାହୀ ଅତିଥିମାନଙ୍କୁ ମଞ୍ଚ ଆହ୍ୱାନ କରିଥିଲାବେଳେ ଅର୍ଚ୍ଚନା ନନ୍ଦୀ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ବିଭିନ୍ନ କମିଟି, ପକ୍ଷରୁ ଦିଲ୍ଲୀପ ଗିରି, ଗଙ୍ଗାଧର ପାଢ଼ୀ, କୁମୁଦ ରଞ୍ଜନ ଗିରି, ଡ. ଅଜିତ ସହନ୍ତି, ବ୍ୟଙ୍କଟପତି ପୁରାଜର ସାହୁ, ସୁନାମଣି ଜେନା ପ୍ରମୁଖ ମତ ରଖିଥିଲେ। ନିଶା ନିଚାରଣ ସଚେତନତା କ୍ଷେତ୍ରରେ କାର୍ଯ୍ୟ କରୁଥିବା ଜଳେଶ୍ୱରର ସଚିତା ଭୂୟାଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦିବଂଗତ ସଦସ୍ୟଙ୍କ ଉଦ୍ଦେଶ୍ୟରେ ରମେଶ ଚନ୍ଦ୍ର ଜେନା ଶୋକ ପ୍ରସ୍ତାବ ଆଗତ କରିଥିଲେ। ସତ୍ୱେ୍ତା ପଣ୍ଡା ନୂତନ ସଭ୍ୟମାନଙ୍କ ନାମ ଘୋଷଣା କରିବା ପରେ ସେମାନଙ୍କୁ ସ୍ୱାଗତ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ସଂଗଠନ ପକ୍ଷରୁ ନିରଞ୍ଜନ ପରିଡ଼ା, ସଂଗୀତା ସହାନ୍ତି, ସମରେନ୍ଦ୍ର ଦାସ, ଗଙ୍ଗାଧର ପୃଷ୍ଟି, କଲ୍ୟାଣୀ ନନ୍ଦ, ସଞ୍ଜୟ ପଣ୍ଡା, ସ୍ନେହଲତା ପତି, ବିଷ୍ଣା ପ୍ରଧାନ, ଅଞ୍ଜନା ସେନ୍, ପ୍ରଶାନ୍ତି ସାହୁ, ଭାସ୍କର ଚନ୍ଦ୍ର ମିଶ୍ର, ଲକ୍ଷ୍ମଣ ଚରଣ ବିଶ୍ୱାଳ, ଯୋଗେଶ ଚନ୍ଦ୍ର ପ୍ରଧାନ, ଶଚୀନ୍ଦ୍ର ଦାସ, ଶୁଭଙ୍କର ସହାପାତ୍ର, ସୀତାରାମ ପ୍ରଧାନ, ରତି ନାରାୟଣ ଭୋଳ, ଅଚନ୍ତୀ ପ୍ରଧାନ, ଜୀତନ ସଂଗ୍ରାମ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ। ବେଣୁଧର ସାହୁ ଧନ୍ୟବାଦ ଦେଇଥିଲେ।



## ରୋଟାରୀ ପକ୍ଷରୁ ଜିଲ୍ଲାସ୍ତରୀୟ ଯୁବ ନେତୃତ୍ୱ କର୍ମଶାଳା

ଜଳେଶ୍ୱର, ୧୯।୪ (ସମିସ) : ରୋଟାରୀ ଜିଲା ୩୨୬୨ ପକ୍ଷରୁ ଜିଲାସ୍ତରୀୟ ଯୁବ ନେତୃତ୍ୱ କର୍ମଶାଳା ଆଜି ଅନୁଷ୍ଠିତ ହୋଇ ଯାଇଛି। ଜଳେଶ୍ୱର ମହିଳା ମହାବିଦ୍ୟାଳୟରେ ଅନୁଷ୍ଠିତ ଦିନତମାମ କାର୍ଯ୍ୟକ୍ରମକୁ ରୋଟାରୀ ପ୍ରାନ୍ତପାଳ ମନୋଜ ତ୍ରିପାଠୀ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠିତ ସଭାରେ ଜଳେଶ୍ୱର ରୋଟାରୀ "ରିୟା'ର ଚେୟାରମ୍ୟାନ ସୁବ୍ରତ ରଣା ସଂଚାଳନ କରିଥିଲେ। ମୁଖ୍ୟ ଅତିଥିଭାବେ ବିଧାୟକ ଅଶ୍ୱିନୀ ପାତ୍ର ଯୋଗଦେଇ ଯୁବଗୋଷ୍ଠୀ ଦେଶର ଭବିଷ୍ୟତ। ତେଣୁ ସେମାନେ ପ୍ରଗତିଶୀଳ ହେବା ସହିତ ଦେଶ ନିର୍ମାଣରେ ଭାଗୀଦାରୀ ହେବା ଉଚିତ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଲେଜ ଅଧ୍ୟକ୍ଷ ସଂଗ୍ରାମ ପଟ୍ଟନାୟକ, ରୋଟାରୀ ଜଳେଶ୍ୱର ଶାଖା ସଂପାଦକ ଅଂଶୁମାନ ରାଉତ, ସଭାପତି ସୁବିର ସେନାପତି, ବ୍ରହ୍ମଚାରୀ ଅଗସ୍ତ ଚୈତନ୍ୟ, ରକ୍ତଦାତା ସଂଘର ସଭାପତି କମଳା ଚକ୍ରବର୍ତ୍ତୀ, ପୁଲିସ୍ ଡିଏସ୍‌ପି କୈଳାସ ଚନ୍ଦ୍ର ପରିଡା, ହାଇକୋର୍ଟର ଆଇନ୍‌ଜିବୀ ପ୍ରଭୁକିଶୋର ବେହେରା, ଡାକ୍ତର କିଶୋର ଚନ୍ଦ୍ର ମହାପାତ୍ର ଓ ଜଳେଶ୍ୱର ଅଗ୍ନିସମ ବିଭାଗ ଯୋଗଦେଇ ଯୁବଗୋଷ୍ଠୀଙ୍କୁ ସଚେତନ କରାଯିବା ସହିତ ବିଭିନ୍ନ କ୍ଷେତ୍ରରେ ସମାଜସେବା ଓ ଆତ୍ମନିର୍ଭରଶୀଳ ହେବାକୁ ପରାମର୍ଶ ଦେଇଥିଲେ। ଦୁର୍ଘଟଣା ଜନୀତ ଆପତକାଳୀନ ସେବା ଲାଗି ତାଲିମ ଦିଆଯାଇଥିଲା। ଏଥିରେ ୮ଟି କଲେଜରୁ ପ୍ରାୟ ୩୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗଦେଇଥିଲେ।




## ନୂଆସାହିରେ ଜଗନ୍ନାଥ ମନ୍ଦିର ଓ ବିଗ୍ରହ ପ୍ରାଣ ପ୍ରତିଷ୍ଠା

ଖଇରା,୧୯।୪ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକ ସୁଣ୍ଡିରା-ଗଣ୍ଡିବେଡ ଗ୍ରାମ ପଞ୍ଚାୟତ ଅଧୀନ ନୂଆସାହି ଠାରେ ଜଗନ୍ନାଥ ମନ୍ଦିର ଓ ବିଗ୍ରହ ପ୍ରାଣପ୍ରତିଷ୍ଠାର ଶନିବାର ପ୍ରଥମ ସଂଧ୍ୟାରେ ପ୍ରସିଦ୍ଧ ଭଜନ ଗାୟକ ଶ୍ରୀଚରଣ ଓ ସାଥି କଳକାର ମାନଙ୍କ ଭଜନ ପରିବେଶକୁ ଭକ୍ତିମୟ କରିବା ସହ ଦର୍ଶକଙ୍କୁ ଭାବବିହ୍ୱଳ କରିଥିଲା। ସକାଳେ କଳସ ଶୋଭାଯାତ୍ରା ଗାଁ ପୋଖରୀରୁ ଯଜ୍ଞ ମଣ୍ଡପକୁ ଅଣାଯାଇଥିଲା। ଦିବସ ବ୍ୟାପି ଯଜ୍ଞକର୍ମ ପରେ ସଂଧ୍ୟାରେ ଶ୍ରୀଚରଣ ଓ ତାଙ୍କ ସାଥୀ କଣ୍ଠଶିଳ୍ପୀ ମାନଙ୍କ ଦ୍ୱାରା ମନୋମୁଗ୍ଧକର ଭଜନ ପରିବେଷଣ କରାଯାଇଥିଲା। ଏହି ଅବସରରେ ଏହି ମନ୍ଦିର ପ୍ରତିଷ୍ଠାକୁ ପ୍ରତ୍ୟକ୍ଷ ଓ ପରୋକ୍ଷରେ ସାହାଯ୍ୟ ସହଯୋଗ କରିଥିବା ବଦ୍ରିନାରାୟଣ ପାତ୍ର, ଜଗନ୍ନାଥ କୁଞ୍ଜବିହାରୀ ସ୍ୱାଇଁ, ବସନ୍ତ ପଣ୍ଡା, ଶଶିକାନ୍ତ ଜେନା, ଶଶିକାନ୍ତ ପଣ୍ଡା, ଜନହିତ ଯୁବକ ସଂଘ, ମୋ ଅନୁଷ୍ଠାନ ସାହିତ୍ୟ ସଂସଦ ସର୍ବୋପରି ମୁଖ୍ୟ ଉଦ୍ୟୋକ୍ତା ଅଭୟ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିଭଳି ରବିବାର ଦ୍ୱିତୀୟ ଦିବସରେ ପଣ୍ଡିତ ଧିରେନ୍ଦ୍ର ଦାଶ, ଅଭିଳାଶ ମିଶ୍ର, ଲକ୍ଷ୍ମୀନାରାୟଣ ଦିକ୍ଷିତ, ସଞ୍ଜିତ ପଣ୍ଡା ଓ ଦିବେଶ ଦ୍ୱିବେଦୀଙ୍କ ଦ୍ୱାରା ଯଜ୍ଞାଦି କର୍ମ ଏବଂ ରାଧାଚରଣ ଦାଶଙ୍କ ତତ୍ତ୍ୱାବଧାନରେ ୩ ବିଗ୍ରହଙ୍କ ପ୍ରାଣ ପ୍ରତିଷ୍ଠା କରାଯାଇଥିଲା।




## ପାରୁଳେଶ୍ୱର ମହାଦେବଙ୍କ ପ୍ରସିଦ୍ଧ ପାଟଯାତ୍ରା

କାଳିପଦା, ୧୯।୪ (ସମିସ): ବାଲିଆପାଳ ବ୍ଲକ ଅସ୍ତି ପଞ୍ଚାୟତ ସୁବର୍ଣ୍ଣ ରେଖା ନଦୀ ତଟ ପୁରାତନ ଶୈବ ପୀଠ ପାରୁଳେଶ୍ୱର ମହାଦେବଙ୍କ ରବିବାର ପାଟ ଯାତ୍ରା ଅନୁଷ୍ଠିତ ହୋଇଛି। ଏଥିପାଇଁ ପ୍ରତ୍ୟୁଷରୁ ମହାଦେବଙ୍କ ସମସ୍ତ ନୀତି କାନ୍ତି ସୁଚାରୁରୂପେ ସମ୍ପାଦିତ ହୋଇଛି। ପୂର୍ବରୁ ମହାଦେବଙ୍କ କାମିନୀ ବିବାହ, ନୀଳ ପର୍ବ ଯଥା ରୀତି ସମ୍ପନ୍ନ ହୋଇ ଥିଲା।ତେର ଭକ୍ତା ସୁବର୍ଣ୍ଣ ରେଖା ନଦୀ ହାକାଣ୍ଡ ଘାଟରୁ ମହାଦେବଙ୍କ ସ୍ନାନ ଉଦ୍ଦେଶ୍ୟରେ ପାଣି ଉଠାଇ ଥିଲେ। ଅପରାହ୍ନକୁ ମଇଁଷି ଆଡି ଜଗନ୍ନାଥ ମନ୍ଦିର ପୋଖରୀ ହୁଡ଼ାରୁ ଭକ୍ତମାନେ ଦେହରେ କଣ୍ଟା ଫୁଟାଇ ବାଦ୍ୟର ତାଳେ ତାଳେ ଭିନ୍ନ ଭିନ୍ନ ନୃତ୍ୟ ଭଙ୍ଗୀରେ ମନ୍ଦିର ପରିକ୍ରମା କରିଛନ୍ତି। ମହିଳା ଭକ୍ତମାନେ ଜଳୁଥିବା ସରାକୁ ମୁଣ୍ଡରେ ମୁଣ୍ଡାଇ ମନ୍ଦିର ପରିସରକୁ ଆସିଥିଲେ। ଚଳିତ ପାଟ ଯାତ୍ରାରେ ପାଟ ଭକ୍ତା ମିଶାଇ ପାଞ୍ଚ ଶହ ଭକ୍ତା ପଇତା ଉପବିତ ପକାଇ ଥିବା ବେଳେ ଦେଢ଼ ଶହ ମହିଳା ଭକ୍ତା ଏଥିରେ ସାମିଲ ହୋଇଥିଲେ। ପାଟ ଭକ୍ତା ସୁନୀଲ କୁମାର ପ୍ରଧାନ ପାଟ ଯାତ୍ରାକୁ ସୁ ପରିଚାଳନା କରିଥିବା ବେଳେ ଡାକ୍ତର ପୁରୁଷୋତ୍ତମ ପ୍ରଧାନ, ରାମ ନାରାୟଣ ପାତ୍ର, ସନ୍ୟାସୀ ପ୍ରଧାନ, ଅନୀଲ ପ୍ରଧାନ, କାର୍ତ୍ତିକ ପ୍ରଧାନ, ସନ୍ତୋଷ ପ୍ରଧାନ, ଟୁନା ଦାସ, ସୁଶାନ୍ତ କର, କୁନା ପାତ୍ର, ଟିକି ଜେନା, ନନ୍ଦ କିଶୋର ପ୍ରଧାନ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।



## ସ୍ୱପ୍ନାଦେଶ ପରେ ୩ ମାସ ମଧ୍ୟରେ ମନ୍ଦିର ନିର୍ମାଣ କାର୍ଯ୍ୟ ଶେଷ

ଚନ୍ଦନେଶ୍ୱର, ୧୯।୪ (ସମିସ) : ୩ ମାସ ମଧ୍ୟରେ ମନ୍ଦିର ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ଦେବ ଦେବ ମହାଦେବ ପଶୁପତି ନାଥ ଓ ରୁଦ୍ରାବତାର ମହାବୀର ହନୁମାନ ଦ୍ୱାରପାଳ ସାଜି ମନ୍ଦିରରେ ପୂଜା ପାଇବେ। ଚଳିତ ମାସ ଆସନ୍ତା ଏପ୍ରିଲ ୨୩ ତାରିଖରେ କଳସ ଶୋଭାଯାତ୍ରା ଓ ୨୪ ତାରିଖରେ ମନ୍ଦିରର ପ୍ରାଣ ପ୍ରତିଷ୍ଠା ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହେବ। ଏ ନେଇ ଭୋଗରାଇ ବ୍ଲକର ଜଳ ସୋହରିଆ ଗ୍ରାମବାସୀ ଉତ୍କଣ୍ଠାର ସହିତ ସମସ୍ତ ପ୍ରସ୍ତୁତି କାର୍ଯ୍ୟ ତ୍ୱରାନ୍ୱିତ କରିଛନ୍ତି। ଏ ନେଇ ଗତ ଶନିବାର ଗ୍ରାମବାସୀ ଏକତ୍ରିତ ହୋଇ ଗଣମାଧ୍ୟମକୁ ସୂଚନା ଦେଇ ଅନୀଲ ଗିରି କହିଛନ୍ତି, ବର୍ଷକ ପୂର୍ବରୁ ମହାଦେବଙ୍କ ସ୍ୱପ୍ନାଦେଶ ହେବା ଯୋଗୁଁ ଗାଁକୁ ଆସି ଗ୍ରାମବାସୀ ଓ ବହୁ ବଦାନ୍ୟ ବ୍ୟକ୍ତିଙ୍କ ଆର୍ଥିକ ସହଯୋଗରେ ଉକ୍ତ ମନ୍ଦିର ୩ମାସ ମଧ୍ୟରେ ନିର୍ମାଣ ହୋଇଛି। ଆସନ୍ତା ଏପ୍ରିଲ ୨୪ତାରିଖରେ ଉକ୍ତ ମନ୍ଦିରର ପ୍ରାଣ ପ୍ରତିଷ୍ଠା ହେବ। ଏପ୍ରିଲ ୨୩ରେ ଏକ ବିରାଟ ପଟୁଆରରେ ସୁବର୍ଣ୍ଣ ରେଖା ନଦୀରୁ ୧୫୧ କଳସ ପାଣି ନେଇ ମହିଳା ମାନେ ଶୋଭାଯାତ୍ରାରେ ମନ୍ଦିର ପରିସରରେ ପହଞ୍ଚିବେ। ଏହାବ୍ୟତୀତ ଗାଁରେ ଲୋକଙ୍କ ମନରେ ଆଧ୍ୟାତ୍ମିକ ଚେତନା ଜାଗ୍ରତ ଓ ମହାଦେବଙ୍କ ଅଶେଷ କୃପା ଫଳରେ ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ନୟାଗଡ଼ ଓ ନୀଳଗିରିର କୁଶଳୀ କାରିଗର ମାନଙ୍କ ଦ୍ୱାରା ଏଭଳି ଭବ୍ୟ ମନ୍ଦିର ନିର୍ମାଣ ହୋଇପାରିଛି। ଏହି ମହାଦେବ ମନ୍ଦିର ପ୍ରତିଷ୍ଠା ହେବା ପରେ ଉକ୍ତ ଅଞ୍ଚଳର ଲୋକଙ୍କ ମଧ୍ୟରେ ଆଧ୍ୟାତ୍ମିକ ଚେତନା ଜାଗ୍ରତ ହେବା ସହିତ ଅଞ୍ଚଳର ବିକାଶ ହୋଇ ପାରିବ ବୋଲି ଗ୍ରାମବାସୀ ଶ୍ରୀ ଗିରିଙ୍କ ସମେତ ଚିରଞ୍ଜିବୀ ସାମଲ, ଶ୍ରୀହରି ଚରଣ ସାମଲ, ଜୟନ୍ତ କୁମାର ଗିରି, ପଦ୍ମଲୋଚନ ପାତ୍ର, ପଙ୍କଜ ପରିଡ଼ା, ରବିନ୍ଦ୍ର ଗିରି, ବଂଶୀଧର ଗିରି, ସୁବଳ ପାତ୍ର, ଅରୁଣ କୁମାର ଧଡ଼ା, ଉତ୍ତମ ସାମଲ, ଜୀବନ କୃଷ୍ଣ ଧଡ଼ା, ଦୀପକ ଗିରି ପ୍ରମୁଖ ପ୍ରକାଶ କରିଛନ୍ତି।



ଦେବ ଦେବ ମହାଦେବ ପଶୁପତି ନାଥ ଭାବେ ପୂଜା ପାଇବେ

ଆସନ୍ତା ୨୩ରେ କଳସ ଶୋଭାଯାତ୍ରା,୨୪ରେ ହେବ ମନ୍ଦିର ପ୍ରାଣ ପ୍ରତିଷ୍ଠା

## ଜେସିବି ଚାପାରେ ଶିଶୁ ମୃତ

ଖଇରା,୧୯।୪ (ସମିସ): ବାଲେଶ୍ୱର ଜିଲା ଖଇରା ଥାନା ଡାଲଙ୍ଗ ଗ୍ରାମ ପଞ୍ଚାୟତ ଅଧୀନ ଖଇରାଡିହି ଗ୍ରାମର ଅଣଓସାରିଆ ରାସ୍ତାରେ ଦ୍ରୁତଗତିରେ ଆସୁଥିବା ଏକ ଜେସିବି ଚାପି ଦେବାରୁ ମହେଶ୍ୱର ମଲ୍ଲିକଙ୍କ ଦେଢବର୍ଷର ଶିଶୁପୁତ୍ର ଶିବାଂଶୁଙ୍କର ମୃତ୍ୟୁ ଘଟିଛି। ଦିନ ପ୍ରାୟ ୧୨ଟା ବେଳେ ଶିବାଂଶୁ ଜେଜେ ମା'ଙ୍କ ପଛେ ପଛେ ରାସ୍ତା ଅତିକ୍ରମ କରୁଥିବା ବେଳେ ଡ୍ରାଇଭରଙ୍କ ଅସାବଧାନତା ଯୋଗୁଁ ଜେସିବି ଶିବାଂଶୁ ଉପରେ ଚଢି ଯାଇଥିଲା। ଗୁରୁତର ଅବସ୍ଥାରେ ସୋର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିଆଯାଇଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ସେପଟେ ଦୁର୍ଘଟଣା ପରେ ଡ୍ରାଇଭର ଜେସିବି ଛାଡି ଫେରାର ହୋଇ ଯାଇଛି। ଖବର ଦିଆଯିବା ସତ୍ୱେ ପୁଲିସ ସଂଧ୍ୟା ପର୍ଯ୍ୟନ୍ତ ଘଟଣାସ୍ଥଳକୁ ଯାଇନଥିବା ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି।

## କର୍କଟ ରୋଗ ସଚେତନତା କାର୍ଯ୍ୟକ୍ରମ

ବାଲେଶ୍ୱର,୧୯।୪ (ସମିସ): ଖ୍ରୀଷ୍ଟିଆନ ହାଇସ୍କୁଲ ପରିସରରେ କର୍କଟ ରୋଗ ସଚେତନତା କାର୍ଯ୍ୟକ୍ରମ 'ସେଇଠୁ ଆରମ୍ଭ' ଓ 'ଓଡ଼ିଆ ନ୍ୟୁଜ ଡ଼ଟ ଲାଇଭ' ପକ୍ଷରୁ ଆୟୋଜିତ ହୋଇଯାଇଛି। ଭୁବନେଶ୍ୱରର ବିଶିଷ୍ଟ କର୍କଟ ରୋଗ ବିଶେଷଜ୍ଞ ଡାକ୍ତର ରଂଜିତ କର ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଜନ ସାଧାରଣଙ୍କୁ କର୍କଟ ରୋଗର ପ୍ରାରମ୍ଭିକ ଲକ୍ଷଣ, ରୋଗର ନିଦାନ, କେଉଁଭଳି ପରିସ୍ଥିତିରେ ରୋଗର ପରୀକ୍ଷା କରିପାରିଲେ ଏଭଳି ମାରାତ୍ମକ ତଥା ବ୍ୟୟ ବହୁଳ ରୋଗରୁ ଆମେ ମୁକ୍ତ ହୋଇପାରିବ ଇତ୍ୟାଦି ବିଷୟରେ ପ୍ରୋଜେକ୍ଟର ମାଧ୍ୟମରେ ବୁଝାଇଥିଲେ। ସମ୍ପାଦକ ଶୁଭେନ୍ଦୁ ଦାସ କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହିତ କହିଥିଲେ କି, ଆସନ୍ତାଦିନରେ ପ୍ରତି ଘରେ କର୍କଟ ରୋଗରେ ଆକ୍ରାନ୍ତ ହେବାର ବିଭିନ୍ନ ସ୍ୱାସ୍ଥ୍ୟ ସଂଗଠନ ଗୁଡିକ ପୂର୍ବାନୁମାନ କରିଥିବାରୁ ଏକ ସଚେତନ ଗଣ ମାଧ୍ୟମ ସଂଥା ଭାବରେ ଆମେ ପ୍ରାରମ୍ଭିକ ଭାବେ ଜିଲ୍ଲାର ବିଭିନ୍ନ ଏଭଳି ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରୁଛୁ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ ଏବଂ ସ୍ୱରୂପ କୁମାର ଦାସ ଉପସ୍ଥିତ ରହି ଗଣ ମାଧ୍ୟମ ସଂସ୍ଥାର ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଉଭୟ ପୂର୍ବତନ ବିଧାୟକ ଡାକ୍ତର ରଂଜିତ କରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ୧୮ ନମ୍ବର ୱାର୍ଡ କାଉନସିଲର ଅର୍ପିତା ପ୍ରିୟଦର୍ଶିନୀ ପଟ୍ଟନାୟକ, ୨୯ ନମ୍ବର ୱାର୍ଡ କାଉନସିଲର କାର୍ତ୍ତିକ ସାହୁ, ସମାଜସେବୀ ତଥା ସଂଗଠକ ଶେଖ ଆନସର ପ୍ରମୁଖ ସହଯୋଗ କରିଥିଲେ। ବିଶିଷ୍ଟ ଶିଳ୍ପପତି ଓ ସମାଜସେବୀ ସୁଶୀଳ ରାଠି, ବରିଷ୍ଠ ସାମ୍ବାଦିକ ରଞ୍ଜନ ବାଗ ପ୍ରମୁଖ ଉପସ୍ଥିତ ଥିଲେ। କବି ପ୍ରଶାନ୍ତ ଦାସ ଉକ୍ତ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ।



# ସରକାରୀ ଜାଗାରେ ବେଆଇନ ଗୃହ ନିର୍ମାଣ ଅଭିଯୋଗ

ଚନ୍ଦନେଶ୍ୱର,୧୯।୪ (ସମିସ)

ଭୋଗରାଇ ତହସିଲ ଅଧୀନ ଶ୍ରଦ୍ଧାପୁର ଗ୍ରାମର ମୁଖ୍ୟ ରାସ୍ତା କଡ଼ ସରକାରୀ ଜାଗାରେ ବେଆଇନ ଭାବରେ ସ୍ଥାୟୀ ପକ୍କାଘର ନିର୍ମାଣ ଅଭିଯୋଗ ପାଇବା ପରେ ବିଚିତ୍ରପୁର ରାଜସ୍ୱ ନିରୀକ୍ଷକ ବିଷ୍ଣୁପଦ ଗିରି ତଥା ଭୋଗରାଇ ତହସିଲଦାର ବାରମ୍ବାର ଘଟଣାସ୍ଥଳକୁ ଆସି ନିର୍ମାଣ କାର୍ଯ୍ୟ ବନ୍ଦ କରିବାକୁ ନିର୍ଦ୍ଦେଶ ଦେବାପରେ ମଧ୍ୟ ବିଭାଗୀୟ ନିର୍ଦ୍ଦେଶକୁ ବେଖାତିର କରି ବେଧଡ଼କ ନିର୍ମାଣ କାର୍ଯ୍ୟ ଚାଲୁ ରହିଥିଲା। ରବିବାର ପୁଣି କାର୍ଯ୍ୟ ଚାଲିଥିବା ସୂଚନା ପାଇ ପାଖାପାଖି ୧୧ଟା୩୦ ସମୟରେ ଭୋଗରାଇ ଅତିରିକ୍ତ ତହସିଲଦାର ପ୍ରତାପ ବେହେରା, ଚନ୍ଦନେଶ୍ୱର ଫାଣ୍ଡି ଅଧିକାରୀ ବନବିହାରୀ ଶତପଥୀ ପ୍ରମୁଖ ପହଞ୍ଚି କାର୍ଯ୍ୟ ବନ୍ଦ କରିବା ସହିତ ଘଟଣାସ୍ଥଳରେ ଥିବା କାର୍ଯ୍ୟ ଉପକରଣ ଶାବଳ, କୋଦାଳ ଆଦିକୁ ସିଜ କରି ସ୍ଥାନୀୟ ଓ୍ୱାର୍ଡ ସଦସ୍ୟ ବନମାଳୀ ସୁରଙ୍କ ଜିମାରେ ଦେଇଆସିଛନ୍ତି। ହେଲେ ଅତିରିକ୍ତ ତହସିଲଦାର ସେଠାରୁ ପଳାଇ ଆସିବା ପରେ ନିର୍ଦ୍ଦେଶକୁ ଅବମାନନା କରି ପୁଣି ନିର୍ମାଣ କାର୍ଯ୍ୟ ଚାଲିଥିବା ସୂଚନା ମିଳିଛି।

ସୂଚନା ଅନୁଯାୟୀ, ଭୋଗରାଇ ତହସିଲ ଅଧୀନ ଶ୍ରଦ୍ଧାପୁର ଗ୍ରାମର ସ୍ୱର୍ଗତ ଅନାଦି ପ୍ରଧାନଙ୍କ ଦ୍ୱାରା ବେଆଇନ ଦଖଲରେ ଥିବା ଶ୍ରଦ୍ଧାପୁର ମୌଜାର ଖତିଆନ ନମ୍ବର ୧୦୨ ଓ ପ୍ଲଟ ନମ୍ବର ୨୪୬ ଅବାଦଯୋଗ୍ୟ ଅନାବାଦୀ କିସମର ସରକାରୀ ଜାଗାକୁ କିଛି ବ୍ୟକ୍ତି କ୍ରୟକରି ଏହା ଉପରେ ସ୍ଥାୟୀ ଭାବରେ କୋଠାଘର ନିର୍ମାଣ କରୁଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ଗ୍ରାମବାସୀ ବିଚିତ୍ରପୁର ରାଜସ୍ୱ ନିରୀକ୍ଷକଙ୍କୁ ଅବଗତ କରିବାପରେ ନିଜେ ରାଜସ୍ୱ ନିରୀକ୍ଷକ ଆସି ନିର୍ମାଣ କାର୍ଯ୍ୟ ବନ୍ଦ କରିବାପାଇଁ ନିର୍ଦ୍ଦେଶ ଦେଇଯାଇଥିଲେ। ମାତ୍ର ସପ୍ତାହକ ପରେ ସେ ଜାଗାରେ ପୁଣି ନିଅଁ ଖୋଳା ଆରମ୍ଭ ହେବାରୁ ଖବରପାଇ ପୁଣି ଥରେ ଆର. ଆଇ. ମହୋଦୟ ଘଟଣାସ୍ଥଳକୁ ଆସି ବାରଣ କରିଥିଲେ। ପୁନଶ୍ଚ ସେ ଏକମାସ ପରେ ନିର୍ମାଣ ସ୍ଥଳୀକୁ ଲମ୍ବା ପରଦାରେ ଆଢୁଆଳ କରି ଢଳେଇ ମେସିନ ଓ ସଂଖ୍ୟାଧିକ ଶ୍ରମିକଙ୍କୁ ନିୟୋଜିତ କରି ପୁରାଦମରେ ବେଧଡ଼କ ରାତି ଦିନ ନିର୍ମାଣ କାର୍ଯ୍ୟ ଚାଲୁରଖିଥିଲେ। ଖବର ପାଇ ପୁଣି ରାଜସ୍ୱ ନିରୀକ୍ଷକ ଓ ଭୋଗରାଇ ତହସିଲଦାର ସୂର୍ଯ୍ୟ କୁମାର ନାୟକ ନିର୍ମାଣ କାର୍ଯ୍ୟ ବନ୍ଦ କରିବା ସହିତ ଅଭିଯୁକ୍ତଙ୍କୁ ନୋଟିସ ଦେବାପରେ ମଧ୍ୟ ତହସିଲଦାରଙ୍କ ନିର୍ଦ୍ଦେଶକୁ ବାଏଁ ବାଏଁ ଉଡ଼ାଇ ଦେଇ କିଛିଦିନ ବ୍ୟବଧାନରେ ଅଧିକ ମିସ୍ତ୍ରି ଓ ଶ୍ରମିକ ନେଇ ଗୃହ ନିର୍ମାଣ ଚଳାଇ ରଖିଥିଲେ। ପୁଣି ଅଭିଯୋଗ ପାଇ ଆଜି ରବିବାର ଘଟଣା ସ୍ଥଳରେ ପହଞ୍ଚି ଅତିରିକ୍ତ ତହସିଲଦାର ଶ୍ରୀ ବେହେରା ସମସ୍ତ ନିର୍ମାଣ ଆସବାବପତ୍ର ଜବତ କରି ଓ୍ୱାର୍ଡ ମେମ୍ବର ଜିମାରେ ଦେଇଆସିଥିଲେହେଁ ଅପରାହ୍ନରେ ପୁଣି କାର୍ଯ୍ୟ ଚାଲିଥିବା କଥା ତହସିଲଦାରଙ୍କୁ ଅବଗତ କରାଯିବା ପରେ ସେ ଆଇନ ଅନୁଯାୟୀ ବିହିତ ପଦକ୍ଷେପ ନିଆଯିବ ବୋଲି ସୂଚନା ଦେଇଛନ୍ତି। ତେବେ ପ୍ରଶାସନକୁ ବେଖାତିର କରି ଯେଭଳି ଜୋର ଜବରଦସ୍ତ ଘର ନିର୍ମାଣ କରାଯାଉଛି, ତାହାକୁ ଦେଖି ସାଧାରଣ ଲୋକଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ପ୍ରଶାସନ ଏହା ବିରୁଦ୍ଧରେ ଦୃଢ଼ ପଦକ୍ଷେପ ନେବାପାଇଁ ଦାବୀ ହେଉଛି। ଅନ୍ୟଥା ଆଗାମୀ ଦିନରେ ଶ୍ରଦ୍ଧାପୁର ମୁଖ୍ୟ ରାସ୍ତା କଡ଼ର ସମସ୍ତ ସରକାରୀ ସମ୍ପତ୍ତି ଏମିତି କିଛି ବ୍ୟକ୍ତି ବିଶେଷଙ୍କ କବଜାକୁ ଚାଲିଯିବାର ଆଶଙ୍କାକୁ ଏଡ଼ାଇ ଦିଆଯାଇପାରିବ ନାହିଁ।



ବିପଦସଙ୍କୁଳ ଅବସ୍ଥାରେ ବୈତରଣୀ ସେତୁ

# ଦ୍ୱିତୀୟ ସେତୁ ନିର୍ମାଣ ପାଇଁ ନାହିଁ ପ୍ରଶାସନିକ ତତ୍ପରତା

ଭଦ୍ରକ,୧୯।୪(ସମିସ)





ଭୁଶୁଡ଼ିପାରେ କେନ୍ଦ୍ରାପଡ଼ା ଓ ଭଦ୍ରକ ଜିଲ୍ଲାକୁ ସଂଯୋଗ କରୁଥିବା ବୈତରଣୀ ନଦୀ ଉପରେ ନିର୍ମିତ ବିଜୁ ସେତୁ। ଅତ୍ୟନ୍ତ ବିପଦସଂକୁଳ ଅବସ୍ଥାରେ ସେତୁ ଉପରେ ଯାତାୟାତ କରୁଛନ୍ତି ଲୋକେ। କେତେବେଳେ ଯେ କ'ଣ ଅଘଟଣ ନ ଘଟିବ କହିବା ମୁସ୍କିଲ୍। ଏହି ନଦୀ ଉପରେ ଆଉ ଗୋଟିଏ ସେତୁ ନିର୍ମାଣ କରିବା ପାଇଁ ପ୍ରଶାସନିକ ଆନ୍ତରିକତା ନ ଥିବା ବାରି ହୋଇପଡୁଛି। ସତେ ଯେମିତି କୌଣସି ଏକ ଅଘଟଣକୁ ଅନେଇ ବସିଛନ୍ତି ସରକାର।

କେନ୍ଦ୍ରାପଡ଼ା ଜିଲ୍ଲାର ରାଜକନିକା ଓ ଭଦ୍ରକ ଜିଲ୍ଲାର ଚାନ୍ଦବାଲିକୁ ସଂଯୋଗ କରୁଥିବା ବୈତରଣୀ ନଦୀ ଉପରେ ନିର୍ମିତ ବିଜୁ ସେତୁ ଏବେ ବିପଦସଂକୁଳ ଅବସ୍ଥାରେ। ପ୍ରାୟ ୧୮ କୋଟି ଟଙ୍କା ବ୍ୟୟରେ ନିର୍ମିତ ଉକ୍ତ ସେତୁକୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୦୮ ମେ' ୨୭ ତାରିଖରେ ଉଦ୍‌ଘାଟନ କରିଥିଲେ। ଉକ୍ତ ସେତୁ କାର୍ଯ୍ୟକ୍ଷମ ହେବା ପରେ ୨ ପଡ଼ୋଶୀ ଜିଲ୍ଲା ମଧ୍ୟରେ ବାଣିଜ୍ୟ ବ୍ୟବସାୟ ସାଙ୍ଗକୁ ଗମନାଗମନ ସୁବିଧାର ଆରମ୍ଭ ହୋଇଥିଲା ଏକ ନୂତନ ଅଧ୍ୟାୟ। ବିଶେଷ କରି ଚାନ୍ଦବାଲିବାସୀଙ୍କ ପାଇଁ ଏହା ସାଜିଥିଲା ସମ୍ପର୍କର ସେତୁ। ଉକ୍ତ ସେତୁ ଯୋଗୁଁ କେନ୍ଦ୍ରାପଡ଼ା, ପାରାଦ୍ୱୀପ, କଟକ, ଭୁବନେଶ୍ୱର ଯାତାୟାତ ପାଇଁ କମିଥିଲା ଦୂରତା ଓ ସମୟ। ମାତ୍ର ଏବେ ଏହି ସେତୁ ଦୋହଲିବା ସହ ଜନସାଧାରଣଙ୍କ ଭାଗ୍ୟ ମଧ୍ୟ ଦୋହଲୁଛି। କେଉଁ ମୁହୂର୍ତ୍ତରେ କିଛି ଯେ ନ ଘଟିବ ତାହା କହିବା ମୁସ୍କିଲ୍। ୨୮୬ ମିଟର ଲମ୍ବ ଉକ୍ତ ସେତୁରେ କେତେକ ବୈଷୟିକ ତ୍ରୁଟି ଯୋଗୁଁ ୨୦୧୬ରେ ଦବିବାକୁ ଲାଗିଲା। ପୂର୍ତ୍ତ ବିଭାଗ ପକ୍ଷରୁ ମରାମତି କରାଯାଇଥିଲେ ମଧ୍ୟ ସ୍ଥିତିରେ କୌଣସି ସୁଧାର ଆସିଲା ନାହିଁ। ବର୍ଷ ଧୀରେ ଧୀରେ ବିପଦସଙ୍କୁଳ ଆଡ଼କୁ ଗତି କଲା। ଏହାକୁ ଦୃଷ୍ଟିରେ ରଖି ତତ୍କାଳୀନ ରାଜ୍ୟ ସରକାର ୨୦୨୨ରେ ଆଉ ଏକ ସେତୁ ନିର୍ମାଣ ପାଇଁ ପ୍ରୟାସ ଆରମ୍ଭ କରିଥିଲେ। ଟେଣ୍ଡର ସରି ସେତୁ ନିର୍ମାଣ ବିଳମ୍ବ ହେତୁ ଚାନ୍ଦବାଲି ବିଧାୟକ ଡ. ବ୍ୟୋମକେଶ ରାୟ ଚିନ୍ତା ପ୍ରକଟ କରିବା ସହ ଗତ ବିଧାନସଭା ଅଧିବେଶନରେ ଉକ୍ତ ପ୍ରସଙ୍ଗକୁ ଉତ୍ଥାପନ କରିଥିଲେ। ଯାହାର ଉତ୍ତରରେ ବିଭାଗୀୟ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପ୍ରକାଶ କରିଥିଲେ ଯେ, ଟେଣ୍ଡର ସରିଛି ମାତ୍ର ଜମି ଅଧିଗ୍ରହଣ ପାଇଁ କାର୍ଯ୍ୟ ଅଟକିଛି। ଜମି ଅଧିଗ୍ରହଣ ପରେ କାର୍ଯ୍ୟ ଆରମ୍ଭ ହେବ ବୋଲି କହିଛନ୍ତି। ଟେଣ୍ଡର ସରିବାର ଦୀର୍ଘ ଦିନ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଇଞ୍ଚେ ଜମି ଅଧିଗ୍ରହଣ ପାଇଁ ପ୍ରଶାସନିକସ୍ତରରେ ତତ୍ପରତା ପ୍ରକାଶ ପାଇଲାନାହିଁ। ଫଳରେ କେବେ ଆରମ୍ଭ ହେବ ଦ୍ୱିତୀୟ ସେତୁ ନିର୍ମାଣ କାର୍ଯ୍ୟ ଆଶା ଆଶଙ୍କାରେ ଚାନ୍ଦବାଲିବାସୀ ରହିଥିବାବେଳେ କେବଳ ଟେଣ୍ଡର ସାରିଦେଇ ଚୁପ୍ ବସିଛନ୍ତି ସରକାର। ଆପ୍ରୋଚ୍ ରୋଡ୍ ପାଇଁ ଜମି ଅଧିଗ୍ରହଣ ନ କରି ନିରବରେ ପ୍ରଶାସନ। ଗୁରୁତ୍ୱପୂର୍ଣ୍ଣ କଥା, ଯଦି ତୁରନ୍ତ ଦ୍ୱିତୀୟ ସେତୁ ନିର୍ମାଣ କାର୍ଯ୍ୟ ନ ହୁଏ ତେବେ ଯଦି କିଛି ଅଘଟଣ ଘଟେ ଏଥିପାଇଁ କିଏ ଦାୟୀ ରହିବ ବୋଲି ଅଞ୍ଚଳବାସୀମାନେ ପ୍ରଶ୍ନ ଉଠାଇଛନ୍ତି।

## ଫରେଷ୍ଟରଙ୍କ ବିରୋଧରେ ନିର୍ଯାତନା ଅଭିଯୋଗ

● ଧାମନଗର ଥାନାରେ ମାମଲା ରୁଜୁ

ଦୋବଲ,୧୯।୪(ସମିସ): ଧାମନଗର ବନ ବିଭାଗ କାର୍ଯ୍ୟାଳୟରେ ଜଣେ ମହିଳା କର୍ମଚାରୀଙ୍କୁ ନିର୍ଯାତନା ଦିଆଯାଉଥିବା ନେଇ ଧାମନଗର ଥାନାରେ ଅଭିଯୋଗ ହୋଇଛି। ଦୋବଲ ବିଟ୍ ଦାୟିତ୍ୱରେ ଥିବା ବନପାଳ ରେବତୀ ତ୍ରିପାଠୀ, ଫରେଷ୍ଟର ବସନ୍ତ ମାଝୀଙ୍କ ବିରୋଧରେ ମାନସିକ ଓ ବୃତ୍ତିଗତ ନିର୍ଯାତନା ଅଭିଯୋଗ ଆଣିଛନ୍ତି। ଅଭିଯୋଗ ମୁତାବକ, ବସନ୍ତ ମାଝୀ ତାଙ୍କୁ ବାରମ୍ବାର ନିରୋଳାରେ ପାଖକୁ ଡାକିବା, ଅଯଥା କାର୍ଯ୍ୟରେ ନିୟୋଜିତ କରିବା ଏବଂ ଗାଳିଗୁଲଜ କରୁଥିଲେ। ଏଥିରେ ଅତିଷ୍ଠ ହୋଇ ରେବତୀ ଶନିବାର ରାତିରେ ଧାମନଗର ଥାନାରେ ଏକ ଲିଖିତ ଏତଲା ଦେଇଥିଲେ। ଏତଲାକୁ ଆଧାର କରି ପୁଲିସ ଏକ ମାମଲା(ନଂ-୧୬୭/୨୬) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏଏସ୍ଆଇ କଳ୍ପନା ରାଉତଙ୍କୁ ଏହି ଘଟଣାର ତଦନ୍ତକାରୀ ଅଧିକାରୀ ଭାବେ ନିଯୁକ୍ତ କରାଯାଇଛି। ତେବେ ତଦନ୍ତ ପ୍ରକ୍ରିୟା ମଧ୍ୟରେ ରବିବାର ପୁଲିସ ପକ୍ଷରୁ ବୟାନ ରେକର୍ଡ ପାଇଁ ରେବତୀଙ୍କୁ ଥାନାକୁ ଡକାଯାଇଥିଲେ ହେଁ ସେ ଅନୁପସ୍ଥିତ ରହିଥିଲେ। ସେ ଅସୁସ୍ଥ ଥିବା ଏବଂ ଚିକିତ୍ସା ପାଇଁ ଯାଜପୁରରେ ଅଛନ୍ତି ବୋଲି ପୁଲିସକୁ କହିଥିଲେ। ଅନ୍ୟପଟେ ବସନ୍ତ ଏହି ଅଭିଯୋଗକୁ ସମ୍ପୂର୍ଣ୍ଣ ମିଛ ଓ ଭିତିହୀନ ବୋଲି କହିଛନ୍ତି। ସେ କହିଛନ୍ତି ଯେ, ଦୋବଲ ବିଟ୍‌ରେ ଜଙ୍ଗଲ ସୁରକ୍ଷା ପାଇଁ କଡ଼ା ନିର୍ଦ୍ଦେଶ ଦେବାରୁ ଏବଂ କାର୍ଯ୍ୟରେ ଅବହେଳା ପାଇଁ କୈଫିୟତ ମାଗିବାରୁ ରେବତୀ ମହିଳା ହେବାର ଫାଇଦା ନେଇ ଏଭଳି ମିଥ୍ୟା ଅଭିଯୋଗ ଆଣିଛନ୍ତି। ବର୍ତ୍ତମାନ ପୁଲିସ ଘଟଣାର ସତ୍ୟାସତ୍ୟ ଜାଣିବା ପାଇଁ ଛାନ୍‌ଭିନ୍ ଜାରି ରଖିଛି।

## ପ୍ରାଚୀନ ଶକ୍ତି ପୀଠର ପାରିପାର୍ଶ୍ୱିକ ଉନ୍ନୟନ ଅବହେଳିତ



ଭଣ୍ଡାରିପୋଖରୀ,୧୯।୪(ସମିସ): ରେବ ନଦୀ କୂଳରେ ବହୁ ପ୍ରାଚୀନ କାଳରୁ ତେନ୍ତୁଳି ଗଛ ମୂଳରେ ରହି ଆଖପାଖ ପଞ୍ଚାୟତବାସୀଙ୍କ ସୁଖ ଦୁଃଖର ସାଥି ହୋଇ ରହିଥିବା ମା' ଅଁଳାଶୁଣି ପୀଠର ବିଜେସ୍ଥଳୀର ସ୍ଥିତିରେ କିଛିଟା ଆଖିଦୃଶିଆ ପରିବର୍ତ୍ତନ ହୋଇପାରି ନ ଥିବାବେଳେ ପାରିପାଶ୍ୱିକ ଉନ୍ନୟନ ଶୂନ୍ୟ କହିଲେ ଅତ୍ୟୁକ୍ତି ହେବନାହିଁ। ପୀଠକୁ ଯିବା ପାଇଁ ସବୁଦିନିଆ ରାସ୍ତା ନାହିଁ। ରେବ ଉପରେ ଥିବା ପୋଲଟି ଦୁର୍ବଳ ହୋଇଛି। ମନ୍ଦିର ଚାରିପଟେ କଂକ୍ରିଟ ଚଟାଣ ନାହିଁ। ଦୁରବସ୍ଥାରେ ନଳକୂପଟି ଅଛି। ଏହାର ପ୍ଲାଟ୍‌ଫର୍ମଟିଏ ନାହିଁ। ଏହାର ଅତି ନିକଟରେ ରେଳପଥ ଯାଇଥିବାରୁ ନୂଆ ରେଳପଥ ନିର୍ମାଣରେ ଠିକା ସଂସ୍ଥା ଏହାର ପରିସରକୁ ବ୍ୟବହାର କରି ସାମଗ୍ରୀ ରଖି ଖରାପ କରୁଛି। ମା'ଙ୍କ ବାର୍ଷିକ ଉତ୍ସବ ପୂର୍ବରୁ ୩ ଦିନ ଧରି ଚାଲି ଆସୁଥିବାବେଳେ ଏବେ ୧୦ ଦିନ ଧରି ହେଉଛି। ଏହାର ଏକ ପ୍ରବେଶ ପଥ ମୁଖଶାଳା ନିର୍ମାଣ ପାଇଁ ଦୀର୍ଘ ଦିନ ଧରି ବହାଦଲ ନଗର ଗ୍ରାମବାସୀ ବିଧାୟକଙ୍କଠାରେ ଦାବି କରିଆସୁଛନ୍ତି।

## ଗ୍ରୀଷ୍ମକାଳୀନ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର



ଭଦ୍ରକ,୧୯।୪(ସମିସ): ଭଦ୍ରକ ଜିଲ୍ଲା ଚାନ୍ଦବାଲି ଏନ୍‌ଏସି ଅଧୀନ ଭେଙ୍କେଟେଶ୍ୱର ସ୍କୁଲରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶ୍ରୀସତ୍ୟସାଇ ସେବା ସଂଗଠନ ପକ୍ଷରୁ ଗ୍ରୀଷ୍ମକାଳୀନ ରକ୍ତଦାନ ଶିବିର 'ଅମୃତ ବିନ୍ଦୁ' ସଫଳତାର ସହିତ ଅନୁଷ୍ଠିତ ହୋଇଯାଇଛି। ଏହି ସମାଜସେବାମୂଳକ କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ସେବାଦଳ ସଦସ୍ୟ, ଯୁବ ସମାଜ ଓ ସ୍ଥାନୀୟ ଲୋକମାନେ ସ୍ୱଇଚ୍ଛାରେ ଯୋଗଦେଇ ରକ୍ତଦାନ କରିଥିଲେ। ଶିବିରର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଗ୍ରୀଷ୍ମ ଋତୁରେ ହସ୍ପିଟାଲଗୁଡ଼ିକରେ ହୋଇଥିବା ରକ୍ତ ଅଭାବକୁ ପୂରଣ କରିବା ସହିତ ଲୋକମାନଙ୍କ ମଧ୍ୟରେ ରକ୍ତଦାନ ପ୍ରତି ସଚେତନତା ସୃଷ୍ଟି କରିବା। ଶିବିରରେ ସମସ୍ତ ରକ୍ତଦାତାଙ୍କୁ ଆବଶ୍ୟକୀୟ ଚିକିତ୍ସା ସୁବିଧା ଓ ପରାମର୍ଶ ଦିଆଯାଇଥିଲା। ସଂଗଠନର କର୍ମକର୍ତ୍ତାମାନେ କହିଥିଲେ ଯେ, ରକ୍ତଦାନ ମହାଦାନ ଭାବନାକୁ ଆଗେଇ ନେଇ ଏପରି କାର୍ଯ୍ୟକ୍ରମ ଆଗାମୀ ଦିନରେ ମଧ୍ୟ ଜାରି ରହିବ। ଏହି ଶିବିରରେ ୩୦ ୟୁନିଟ୍‌ରୁ ଊର୍ଦ୍ଧ୍ୱ ରକ୍ତ ସଂଗୃହୀତ ହୋଇଥିବା ସୂଚନା ମିଳିଛି।

## ୩ ମାସ ହେଲାଣି ବୃଦ୍ଧଙ୍କୁ ମିଳିନି ଭତ୍ତା



ଅସୁରାଳି,୧୯।୪(ସମିସ): ବାର୍ଦ୍ଧକ୍ୟ ଭତ୍ତା ପାଇଁ ଧୂଷୁରୀ ଅଞ୍ଚଳର ଜଣେ ବୃଦ୍ଧ ପ୍ରଚଣ୍ଡ ଖରାରେ ଏ ଅଫିସରୁ ସେ ଅଫିସ ଧାଇଁ ଶେଷରେ ଅସୁସ୍ଥ ହୋଇ ପଡ଼ିଛନ୍ତି। ସୂଚନାନୁଯାୟୀ, ନରସିଂହପୁର

**ପ୍ରଚଣ୍ଡ ଖରାରେ ଏ ଅଫିସରୁ ସେ ଅଫିସ ଦୌଡ଼ି ଦୌଡ଼ି ଶରୀର ଅସୁସ୍ଥ**

ଓଲଟପୁର ଗାଁର ନବକିଶୋର ନାଥ ଗତ ୩ ମାସ ହେବ ନିଜର ବାର୍ଦ୍ଧକ୍ୟ ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି। ପ୍ରଖର ରୌଦ୍ରତାପକୁ ଖାତିର୍ ନ କରି ସେ ନିଜର ସମସ୍ୟା ନେଇ ବ୍ୟାଙ୍କକୁ ଯାଇଥିଲେ। ସେଠାରେ କର୍ତ୍ତୃପକ୍ଷ ତାଙ୍କୁ ପଞ୍ଚାୟତ ପିଇଓଙ୍କ ପାଖକୁ ଯିବାକୁ କହିଥିଲେ। ପୁଣି ପିଇଓ କାର୍ଯ୍ୟାଳୟକୁ ଗଲା ପରେ ତାଙ୍କୁ ବ୍ଲକ୍ ଅଫିସ ଯିବା ପାଇଁ ପରାମର୍ଶ ଦିଆଯାଇଥିଲା। ଏହି ବୟସରେ ଚାଲି ଚାଲି ବିଭିନ୍ନ ସ୍ଥାନକୁ ଯାଇ ହତାଶ ହେବା ପରେ, ଫେରିବା ବେଳେ ସେ ପୋଲ ନିକଟରେ ଅସୁସ୍ଥ ହୋଇ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରିବା ସହ ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରେ ତାଙ୍କ ଭାଇଙ୍କ ସହାୟତାରେ ତାଙ୍କୁ ଘରକୁ ନିଆଯାଇଥିଲା। 'ମୋତେ ୩ ମାସ ହେଲା ଭତ୍ତା ମିଳିନି, କେବଳ ମାସକର ଟଙ୍କା ପାଇଛି। ବ୍ୟାଙ୍କ୍ କହୁଛି ସରପଞ୍ଚଙ୍କ ପାଖକୁ ଯାଅ, ପିଇଓ କହୁଛନ୍ତି ବ୍ଲକ୍‌କୁ ଯାଅ। ଏ ଖରାରେ ମୁଁ କେଉଁଆଡ଼େ ଯିବି' ବୋଲି ବୃଦ୍ଧ ଜଣକ କୋହଭରା କଣ୍ଠରେ କହିଛନ୍ତି। ଏଥିପ୍ରତି ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ହିତାଧିକାରୀଙ୍କୁ ନ୍ୟାୟ ପ୍ରଦାନ କରିବାକୁ ସାଧାରଣରେ ଦାବି ହୋଇଛି।

## ଜୋର୍ ଧରିଲା ବ୍ଲକ୍ କୃଷି ଅଧିକାରୀଙ୍କ ବଦଳି ଦାବି

ବନ୍ତ/ଆଗରପଡ଼ା,୧୯।୪(ସମିସ)

ବନ୍ତ ବ୍ଲକ୍ କୃଷି ବିଭାଗ ଅଧୀନରେ କାର୍ଯ୍ୟରତ କିଛି କୃଷକସାଥୀ ବ୍ଲକ୍ କୃଷି ଅଧିକାରୀଙ୍କ ମନମୁଖି କାର୍ଯ୍ୟ ଏବଂ ସୂଚନା ଅଧିକାର ଆଇନରେ ମିଥ୍ୟା ତଥ୍ୟ ଆଦି ପ୍ରଦାନକୁ ନେଇ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ତାଙ୍କୁ ଅନ୍ୟତ୍ର ବଦଳି କରିବା ପାଇଁ ରାଜ୍ୟ ସରକାରଙ୍କ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପ୍ରମୁଖ ଶାସନ ସଚିବ ଏବଂ ନିର୍ଦ୍ଦେଶକଙ୍କଠାରେ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି। ବ୍ଲକ୍ କୃଷି ଅଧିକାରୀ ଦୀର୍ଘ ୧୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ବନ୍ତ ବ୍ଲକ୍ ତଥା ଭଦ୍ରକ ଜିଲ୍ଲାରେ କାର୍ଯ୍ୟ କଲା ପରେ ଦେଢ଼ ମାସ ପାଇଁ ନୂଆପଡ଼ା ଜିଲ୍ଲା ଓ ପରେ ପ୍ରଶାସନିକ ହସ୍ତକ୍ଷେପ, ଭଦ୍ରକ ଜିଲ୍ଲାପାଳଙ୍କ ପତି-ପତ୍ନୀଙ୍କ ଭିତ୍ତିରେ ବଦଳ କରିବା ପାଇଁ କୃଷି ସଚିବଙ୍କୁ ପତ୍ର ମାଧ୍ୟମରେ ଅନୁରୋଧ କରିବା ନେଇ ସେମାନେ କ୍ଷୋଭ ପ୍ରକାଶ କରିଛନ୍ତି। ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରେ କରାଯାଇଥିବା କ୍ଷେତ୍ର ଦିବସ ସମ୍ପର୍କରେ ସୂଚନା ଅଧିକାର ଆଇନ ବଳରେ ହସ୍ତଗତ ହୋଇଥିବା ତଥ୍ୟରୁ କୃଷି ଅଧିକାରୀଙ୍କ ପାରିବାପଣିଆ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଥିବାବେଳେ ଏହାର ନିରପେକ୍ଷ ତଦନ୍ତ ମଧ୍ୟ କରାଗଲେ କ୍ଷେତ୍ର ଦିବସର ସ୍ୱଚ୍ଛତା ପଦାକୁ ଆସିବ ବୋଲି ସେମାନେ ଦାବି କରିଛନ୍ତି। ସେହିପରି ଜାଣିଶୁଣି ବହୁ ସୂଚନା ପ୍ରଦାନ କରାଯାଇ ନ ଥିବାରୁ କୃଷକସାଥୀଙ୍କ ଦ୍ୱାରା ପୂର୍ବରୁ ବିଏଓଙ୍କ

**ବିଭାଗୀୟ ପ୍ରମୁଖ ଶାସନ ସଚିବ ଓ ନିର୍ଦ୍ଦେଶକଙ୍କୁ କୃଷକସାଥୀଙ୍କ ଅଭିଯୋଗ**

ବିରୋଧରେ କରାଯାଇଥିବା ଅଭିଯୋଗ ସମ୍ପୂର୍ଣ୍ଣ ସତ୍ୟ ବୋଲି ସେମାନେ ଦାବି କରିଛନ୍ତି।

୨୦୨୪-୨୫ ରବି ଫସଲ କାର୍ଯ୍ୟକ୍ରମରେ ବ୍ୟାପକ ଅନିୟମିତତା ହୋଇଥିବାବେଳେ କେବଳ ମିଥ୍ୟା ଓ ଭୁଲ୍ କାଗଜପତ୍ରରେ ସରକାରୀ ଯୋଜନା କାର୍ଯ୍ୟକାରୀ ହୋଇଥିବାରୁ ଏହାର ତଦନ୍ତ ଆବଶ୍ୟକ ଥିବାର ସେମାନେ ଉଲ୍ଲେଖ କରିଛନ୍ତି। ତାଙ୍କ ବିରୋଧରେ କୌଣସି ଅଭିଯୋଗ ଆଣିଲେ ଜିଲ୍ଲା କୃଷି ବିଭାଗ ଅଧିକାରୀମାନେ ଅଭିଯୋଗକୁ ଭିତ୍ତିହୀନ ବୋଲି କହିବା ସହ ଅନ୍ୟାୟକୁ ପ୍ରଶ୍ରୟ ଦେଉଥିବା ଅଭିଯୋଗ କରିଛନ୍ତି। କୃଷି ଓ କୃଷକର ଉନ୍ନତି ପାଇଁ ସରକାର ବିଭିନ୍ନ ପ୍ରକାର ଯୋଜନା ପ୍ରଣୟନ କରୁଥିବାବେଳେ ଯୋଜନାକୁ କୃଷି ଅଧିକାରୀ ଠିକ୍ ଭାବରେ କାର୍ଯ୍ୟକାରୀ କରିବା ପରିବର୍ତ୍ତେ କାଗଜ କଲମରେ ଯୋଜନାକୁ ସୀମିତ ରଖୁଥିବାରୁ ଏହାର ସଫଳ ରୂପାୟଣ ହୋଇପାରୁ ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ସେହିପରି ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଅନୁସାରେ ବ୍ଲକ୍ କୃଷି ଅଧିକାରୀ ବନ୍ତ ବ୍ଲକ୍ ଅନ୍ତର୍ଗତ ସିଲନ୍ଦୀରେ ରହିଥିବା ସୂଚନା ପ୍ରଦାନ କରିଥିବାବେଳେ ସେ ପ୍ରକୃତରେ ଭଦ୍ରକ ଜିଲ୍ଲାରେ ଘରଭଡ଼ା ନେଇ ରହୁଥିବା ଜଣାପଡ଼ିଛି। ତେଣୁ ସୂଚନା ଅଧିକାର ଆଇନରେ ହସ୍ତଗତ ତଥ୍ୟର ଯାଞ୍ଚ କରାଯିବା ଆବଶ୍ୟକ ଥିବା ଓ ତାଙ୍କ ଅନିୟମିତତାର ତଦନ୍ତ କରାଯିବା ସହ ବନ୍ତ ବ୍ଲକ୍‌ରେ କୃଷି ଓ କୃଷକର ସ୍ୱାର୍ଥ ଦୃଷ୍ଟିରୁ ତାଙ୍କୁ ଅନ୍ୟତ୍ର ବଦଳିର ଆବଶ୍ୟକ ରହିଥିବାର ସେମାନେ ଅଭିଯୋଗ କରିଥିବା ଜଣାପଡ଼ିଛି।

## ମା' ଗଡ଼ଚଣ୍ଡୀ ପୀଠ ଟିଲୋରୁ ଜନଗଣନା ଶୁଭାରମ୍ଭ

ବନ୍ତ/ଆଗରପଡ଼ା,୧୯।୪(ସମିସ): ଗୃହଗଣନା ଏବଂ ଜନଗଣନା ବନ୍ତ ବ୍ଲକ୍ ଟିଲୋ ପଞ୍ଚାୟତ ଅନ୍ତର୍ଗତ ଗଡ଼ଚଣ୍ଡୀ ପୀଠରୁ ଆରମ୍ଭ ହୋଇଥିବା ଜଣାପଡ଼ିଛି। ଏହି ପରିପ୍ରେକ୍ଷୀରେ ସେନ୍‌ସସ୍ ଜୋନ୍ ୨୩ର ସୁପରଭାଇଜର ତଥା ଟିଲୋ କ୍ଲଷ୍ଟର ସିଆର୍‌ସିସି ଅଶୋକ ଦାସଙ୍କ ସହିତ ଗୃହ ଗଣନାକାରୀ ଶିକ୍ଷକ ସୁରଜିତ କୃଷ୍ଣ ବେହେରା, ଶିକ୍ଷୟିତ୍ରୀ କୁମୁଦିନୀ ପ୍ରଧାନ, ରଶ୍ମିତା ପରିଡ଼ା, ମନମୋହିନୀ ନାୟକ, ରଚିତା ସାହୁ ପ୍ରମୁଖଙ୍କ ନେତୃତ୍ୱରେ ଟିଲୋ, ମଧୁପୁର, କରଞ୍ଜପଡ଼ା, ବଉଳସାହି, ଭାରତୀମଠ ଓ ଟିଲୋ କଣ୍ଟାପଡ଼ା ହାଟସାହି ଗ୍ରାମର ବିଭିନ୍ନ ସାହିରେ ଗୃହଗଣନା ଓ ଏରିଆ ସର୍ଭେ କାର୍ଯ୍ୟ ଦୀର୍ଘ ୩ ଦିନ ଧରି ଚାଲୁ ରହିଥିବାର ସୂଚନା ମିଳିଛି। ତତ୍‌ସହିତ ଗଣନାକାରୀ ନିଷ୍ଠାର ସହିତ ସଠିକ୍ ଏବଂ ନିର୍ଭୁଲ ତଥ୍ୟ ପ୍ରଦାନ କରିବାକୁ ଆପ୍ରାଣ ଉଦ୍ୟମ ଜାରି ରଖିଥିବା ଜଣାପଡ଼ିଛି।

## ପଳସା ସରସ୍ୱତୀ ଶିଶୁମନ୍ଦିରର ବାର୍ଷିକ ଉତ୍ସବ



ବନ୍ତ/ଆଗରପଡ଼ା,୧୯।୪(ସମିସ): ବନ୍ତ ବ୍ଲକ୍ ଛୟାଳସିଂହ ପଞ୍ଚାୟତ ପଳସାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୧୭ତମ ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଶିଶୁମନ୍ଦିରର ପ୍ରଧାନଗୁରୁଜୀ ରବୀନ୍ଦ୍ର କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ନାଟ୍ୟକାର ଡ. ସୁଧାଂଶୁ ଶେଖର ନାୟକ, ମୁଖ୍ୟବକ୍ତା ବନ୍ତ ଆଞ୍ଚଳିକ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ଶୁଭେନ୍ଦୁ କୁମାର ମିଶ୍ର, ସମ୍ମାନିତ ଅତିଥି ପ୍ରାକ୍ତନ ସରପଞ୍ଚ କମଳାକାନ୍ତ ସାହୁ, ସମାଜସେବୀ ସନ୍ତୋଷ କୁମାର ନାୟକ, ବରେଣ୍ୟ ଅତିଥି ଶିକ୍ଷାବିତ୍ ହଳଧର ବାଇ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ପ୍ରାରମ୍ଭରେ ଶିଶୁମନ୍ଦିରର ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଗାନ, ଆଚାର୍ଯ୍ୟ ରମେଶ ଚନ୍ଦ୍ର ପାଢ଼ୀ ମଞ୍ଚ ସଞ୍ଚାଳନ ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ରବୀନ୍ଦ୍ର ପୃଷ୍ଟି ଧନ୍ୟବାଦ ଅର୍ପଣ ଓ ଶିଶୁମନ୍ଦିରର ଗୁରୁମା' ଜୟସ୍ମିତା ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ। ଶିଶୁମନ୍ଦିରରେ ଅନୁଷ୍ଠିତ ବାର୍ଷିକ କ୍ରୀଡ଼ାରେ ଭାଗନେଇ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ଶିଶୁମନ୍ଦିର ପରିଚାଳନା କମିଟି ସଭାପତି ଶ୍ରୀକାନ୍ତ ଶତପଥି, ସୁଜାତା ପଣ୍ଡା, ଜ୍ୟୋତ୍ସ୍ନାରାଣୀ ସାହୁ, ପୁଷ୍ପିତା ନାୟକ, ସୁରେନ୍ଦ୍ର ନାଥ ପଣ୍ଡା, ଶ୍ରୀକାନ୍ତ ସାହୁଙ୍କ ସମେତ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ। ପରିଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଓଡ଼ିଶା କ୍ଷେତମଜଦୂର ୟୁନିୟନ ଚାନ୍ଦବାଲି ବ୍ଲକ୍ ସମ୍ମିଳନୀ

ଭଦ୍ରକ,୧୯।୪(ସମିସ): ଭିବି-ଜି-ରାମ୍‌ଜି ଆଇନକୁ ବାତିଲ୍ କରି ପୂର୍ବପରି ଏମ୍‌ଜିଏନ୍‌ଆର୍‌ଇଜିଏକୁ କାର୍ଯ୍ୟକାରୀ କରିବା, କ୍ଷେତମଜଦୂରମାନଙ୍କ ଦୈନିକ ମଜୁରୀ ୭୦୦ ଟଙ୍କାକୁ ବୃଦ୍ଧି କରିବା, ଅତ୍ୟାବଶ୍ୟକ ସାମଗ୍ରୀର ଦର ନିୟନ୍ତ୍ରଣ କରିବା, କେନ୍ଦ୍ର ଓ ରାଜ୍ୟ ସରକାର ଜାତୀୟ ସମ୍ପତ୍ତି ବିକ୍ରି ବନ୍ଦ କରିବା ଆଦି ଦାବି ନେଇ ଓଡ଼ିଶା କ୍ଷେତମଜଦୂର ୟୁନିୟନର ୮ମ ବ୍ଲକ୍ ସମ୍ମିଳନୀ କ୍ଷେତମଜଦୂର ନେତା ସୁବାସ ଦାସଙ୍କ ସଭାପତିତ୍ୱରେ ଚାନ୍ଦବାଲି ବ୍ଲକ୍ ମତୋଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ଓଡ଼ିଶା କ୍ଷେତମଜଦୂର ୟୁନିୟନ ଜିଲ୍ଲା ସଭାପତି ପ୍ରଫୁଲ୍ଲ ପାଢ଼ୀ ଯୋଗଦେଇ କ୍ଷେତମଜଦୂରମାନଙ୍କ ନ୍ୟାଯ୍ୟ ଦାବି ଓ ଅଧିକାର ସମ୍ପର୍କରେ ଆଲୋଚନା କରିଥିଲେ। କ୍ଷେତମଜଦୂର ୟୁନିୟନ ଜିଲ୍ଲା ସମ୍ପାଦକ ଗିରିଧାରୀ ନାଥ ଯୋଗଦେଇ ସମ୍ବିଧାନ ଓ କ୍ଷେତମଜଦୂରମାନଙ୍କ ସାମ୍ବିଧାନିକ ଅଧିକାର ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟତମ ବକ୍ତା ଭାବେ ଯୁବନେତା ବିକାଶ ନାଥ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କ୍ଷେତମଜଦୂର ବିରୋଧୀ, ଜନବିରୋଧୀ ଓ କର୍ପୋରେଟ୍ ସପକ୍ଷବାଦୀ ନୀତିର ତୀବ୍ର ସମାଲୋଚନା କରିବା ସହ ମୋଦି ସରକାରଙ୍କ ନବ୍ୟ ଫାଶୀବାଦୀ ଶାସନ ବିରୁଦ୍ଧରେ ଲଢ଼େଇ କରିବାକୁ ଆହ୍ୱାନ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶ୍ରମିକ ନେତା ମଳୟ ଭୋଇ, କୃଷକ ନେତା ଅଶୋକ ବେହେରା, ବ୍ରହ୍ମାନନ୍ଦ ପରିଡ଼ା, ଶିକ୍ଷକ ନେତା ସାଧୁଚରଣ ନାୟକ, ମହିଳା ନେତ୍ରୀ କାମିନୀ ଭୋଇ, କ୍ଷେତମଜଦୂର ନେତା ସୁରେନ୍ଦ୍ର ଦାସ ପ୍ରମୁଖ କ୍ଷେତମଜଦୂରମାନଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଶେଷରେ ଓଡ଼ିଶା କ୍ଷେତମଜଦୂର ୟୁନିୟନର ଏକ ୧୫ ଜଣିଆ ବ୍ଲକ୍ କମିଟି ସର୍ବସମ୍ମତିକ୍ରମେ ଗଠିତ ହୋଇଥିଲା।

## ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ



ବାରିକପୁର,୧୯।୪(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ଗିରିଧାରୀ ପଣ୍ଡା ଉଚ୍ଚ ବିଦ୍ୟାପୀଠଠାରେ ମଞ୍ଜୁରୀରୋଡ୍ ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଭାପତି କିଶୋରଚନ୍ଦ୍ର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାକୁ ପ୍ରଧାନଶିକ୍ଷକ କୈଳାସ ଚନ୍ଦ୍ର ଜେନା ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଡ. ଶୁଭେନ୍ଦୁ ମିଶ୍ର ଓ ମୁଖ୍ୟବକ୍ତା ଶିବପ୍ରସାଦ ଖାମୁରାଇ ଯୋଗଦେଇ ଓଡ଼ିଆ ଭାଷା ସୁରକ୍ଷା ଉପରେ ବିଭିନ୍ନ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ଭାବେ ଶିକ୍ଷାବିତ୍ ଶ୍ୟାମସୁନ୍ଦର ପଣ୍ଡା, ଡ. ସୁରେନ୍ଦ୍ର ମିଶ୍ର, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଜଗନ୍ନାଥ ପାତ୍ର, ନାରାୟଣ ସାମଲ ପ୍ରମୁଖ ଯୋଗଦେଇ ସାହିତ୍ୟ ଉପରେ ବିଭିନ୍ନ ଆଲୋଚନା କରିଥିଲେ। ଏହି ଅବସରରେ ସାହିତ୍ୟ ସଂସଦର ବାର୍ଷିକ ମୁଖପତ୍ର "ସୃଜନ ମଞ୍ଜରୀ'କୁ ଅତିଥିମାନେ ଲୋକାର୍ପଣ କରିଥିଲେ। ପଦ୍ମଲୋଚନ ଦାସଙ୍କ ସଂଯୋଜନାରେ କବି ଓ କବୟିତ୍ରୀମାନେ ସ୍ୱରଚିତ କବିତା ପାଠ କରିଥିଲେ। ସାହିତ୍ୟ ସଂସଦ ପକ୍ଷରୁ ସୁରେନ୍ଦ୍ର କୁମାର ମିଶ୍ର, ଗୌରୀ ଶଙ୍କର ମିଶ୍ର, ସିଆର୍‌ସିସି ଜ୍ୟୋତ୍ସ୍ନା ବାରିକ, ଆନନ୍ଦ ଚନ୍ଦ୍ର ପାଢ଼ୀଙ୍କୁ ସମ୍ମାନିତ କରାଯାଇଥିଲା। ବିଶ୍ୱନାଥ ବାରିକ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସନ୍ତୋଷ କୁମାର ସାହୁ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ପର୍ଶୁରାମ ମାଝୀ, ବିନୋଦ ବାରିକ, ଶକ୍ତିଧର ନାୟକ, ଇନ୍ଦ୍ରମଣି ସେଠୀ, ସୁରେନ୍ଦ୍ର ନାଥ ଜେନା, ମଧୁସୂଦନ ଜେନା, ଧନେଶ୍ୱର ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ।

ଧାମନଗରରେ ନଦୀବନ୍ଧ ସୁରକ୍ଷା ପ୍ରାଚୀର ନିର୍ମାଣରେ ବ୍ୟାପକ ଅନିୟମିତତା

## ନିୟମକୁ ଜଳାଞ୍ଜଳି; ବିନା ଛଡ଼ରେ ଚାଲିଛି କଂକ୍ରିଟ୍ କାମ

ଦୋବଲ,୧୯।୪(ସମିସ)



ଧାମନଗର ଜଳସମ୍ପଦ ଉପଖଣ୍ଡ ଅଧୀନରେ ଥିବା ଆନନ୍ଦପୁର ପଞ୍ଚାୟତର ମାନଲାପୁର ସ୍ଲୁଇସ୍ ଗେଟ୍ ନିକଟରେ ଚାଲିଥିବା ନଦୀବନ୍ଧ ସୁରକ୍ଷା ପ୍ରାଚୀର ନିର୍ମାଣରେ ବ୍ୟାପକ ଅନିୟମିତତା ଅଭିଯୋଗ ହୋଇଛି। ବୈତରଣୀ ନଦୀର ପ୍ରଖର ସ୍ରୋତ ଓ ଜଳ ପ୍ରବାହକୁ ପ୍ରତିହତ କରିବା ପାଇଁ ଉଦ୍ଦିଷ୍ଟ ଏହି ପ୍ରାଚୀର ଅତ୍ୟନ୍ତ ନିମ୍ନମାନର ଭାବେ ନିର୍ମାଣ କରାଯାଉଥିବାରୁ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଭାରତୀୟ ମାନକ ଅନୁଯାୟୀ, ନଦୀକୂଳ ଭଳି ସମ୍ବେଦନଶୀଳ ସ୍ଥାନରେ ଯେଉଁଠାରେ ଜଳର ପ୍ରଖର ଚାପ ଥାଏ, ସେଠାରେ ଗ-୩୦ କିମ୍ବା ତା'ଠାରୁ ଅଧିକ ଗ୍ରେଡ୍‌ର ରିଏନ୍‌ଫୋର୍ସଡ୍ ସିମେଣ୍ଟ କଂକ୍ରିଟ ବ୍ୟବହାର କରିବା ଅନିବାର୍ଯ୍ୟ। ଏହି ନିୟମ ଅନୁସାରେ ଉଚ୍ଚମାନର ଲୁହା ଛଡ଼ ବ୍ୟବହାର କରି କାନ୍ଥକୁ ଶକ୍ତିଶାଳୀ କରାଯିବା କଥା। କିନ୍ତୁ ମାନଲାପୁରଠାରେ କୌଣସି ଲୁହା ଛଡ଼ ବ୍ୟବହାର ନ କରି କେବଳ ପ୍ଲେନ୍ କଂକ୍ରିଟରେ ପାଚେରି ଠିଆ କରାଯାଉଛି। ଫଳରେ ସାମାନ୍ୟ ବନ୍ୟା ଜଳର ଚାପରେ ଏହି ପାଚେରି ଯେକୌଣସି ମୁହୂର୍ତ୍ତରେ ଭୁଶୁଡ଼ି ପଡ଼ିବାର ଆଶଙ୍କା ରହିଛି। ପ୍ରାୟ ୨୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ହେଉଥିବା ଏହି କାର୍ଯ୍ୟ ସମୟରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ କିମ୍ବା ଠିକାଦାର ସାଇଟ୍‌ରେ ଉପସ୍ଥିତ ରହୁନାହାନ୍ତି। ଶ୍ରମିକମାନେ ନିଜ ମନମୁତାବକ ସିମେଣ୍ଟ, ବାଲି ଓ ଚିପ୍ସର ମିଶ୍ରଣ କରୁଛନ୍ତି। ମାନକ ଅନୁଯାୟୀ କଂକ୍ରିଟ୍ ମିଶ୍ରଣ ହେବା ପରିବର୍ତ୍ତେ ଏଠାରେ ୧ ଭାଗ ସିମେଣ୍ଟରେ ୪ ଭାଗ ବାଲି ଓ ୬ ଭାଗ ଚିପ୍ସ ବ୍ୟବହାର କରାଯାଉଛି, ଯାହା କାନ୍ଥର ସ୍ଥାୟିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଉଲ୍ଲେଖଯୋଗ୍ୟ ଯେ, ସ୍ଲୁଇସ୍ ଗେଟ୍ ଅଞ୍ଚଳଟି ଏକ ଉପତ୍ୟକା ସଦୃଶ ହୋଇଥିବାରୁ ବୈତରଣୀର ହଜାର ହଜାର ଘନଫୁଟ୍ ପାଣି ଏଠାରେ ଠୁଳ ହୋଇଥାଏ। ଏହି ପ୍ରଖର ଜଳରାଶି ସ୍ଲୁଇସ୍ ଦେଇ ଗାଁ ଭିତରକୁ ପ୍ରବେଶ କରେ। ଏଭଳି ଏକ ସମ୍ବେଦନଶୀଳ ସ୍ଥାନରେ ମୂଳଦୁଆ ପାଇଁ ମାଟି ଅତିକମ୍‌ରେ ୩ ଫୁଟ୍ ଖୋଳାଯିବା କଥା। ମାତ୍ର ଠିକାଦାର ମାଟି ନ ଖୋଳି ଉପରେ ପାଚେରି ତିଆରି କରୁଥିବା ଦେଖିବାକୁ ମିଳିଛି। ସୁରକ୍ଷା ପ୍ରାଚୀର ନାମରେ ଏଭଳି ପ୍ରହସନ ବନ୍ଦ କରି ଉଚ୍ଚସ୍ତରୀୟ ତଦନ୍ତ କରାଯାଉ ବୋଲି ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି। ଯଦି ବନ୍ୟା ପୂର୍ବରୁ ଏହି କାର୍ଯ୍ୟର ସଂସ୍କାର କରା ନ ଯାଏ, ତେବେ ଆଗାମୀ ଦିନରେ ବୈତରଣୀ ବନ୍ୟାରେ ଆନନ୍ଦପୁର ପଞ୍ଚାୟତର ବହୁ ଗ୍ରାମ ଜଳମଗ୍ନ ହେବାର ଭୟ ରହିଛି। ଜଳସମ୍ପଦ ବିଭାଗର ବରିଷ୍ଠ ଅଧିକାରୀମାନେ ଏଥିପ୍ରତି ଦୃଷ୍ଟି ଦେବାକୁ ଜନସାଧାରଣରେ ଦାବି ହେଉଛି। ଏ ଦିଗରେ କନିଷ୍ଠ ଯନ୍ତ୍ରୀ ସ୍ୱାଗତ ଦାସ କହିଛନ୍ତି ଯେ, ଏପରି ଅଭିଯୋଗର ନିଶ୍ଚିତ ତଦନ୍ତ କରାଯିବ।

